Bhubaneswar- 25 may 2026
ଭୁବନେଶ୍ୱର- ୨୫ ମେ’ ୨୦୨୬
Vol- 1 Issue - 29
ଭାଗ- ୧ ସଂଖ୍ୟା- ୨୯
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୭୯୨୭୦୯୦୦୭

# ଯୁବପିଢ଼ି ଜୀବିକା ପାଇଁ ଆଉ ଭିଟାମାଟି ଛାଡ଼ିବେ ନାହିଁ



- ଟ୍ରାଇମେଟ୍ରୋ ଗାର୍ମେଣ୍ଟସ ଓ ଆନାଡ୍ରୋନ୍ ସିଷ୍ଟମ୍ସ ବୁଲିଲେ ମୁଖ୍ୟମନ୍ତ୍ରୀ
- ଶିଳ୍ପାୟନରେ ସହଯୋଗର ଦେଲେ ପ୍ରତିଶ୍ରୁତି
- ସମୃଦ୍ଧ ଶିଳ୍ପାୟନର ବ୍ଲୁ-ପ୍ରିଣ୍ଟ ଦେଖିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଓଡ଼ିଶାରେ ଶିଳ୍ପାୟନର ପ୍ରସାର, ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ । ଏଥିପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଖୋର୍ଦ୍ଧା ଜିଲ୍ଲାର ଦୁଇଟି ପ୍ରମୁଖ ଶିଳ୍ପ ସଂସ୍ଥା ପରିଦର୍ଶନ କରି ଏହା କହିଛନ୍ତି । ମୁଖ୍ୟମନ୍ତ୍ରୀ କାଳୀବେଟି ସ୍ଥିତ ଏପିକ ଗ୍ରୁପ୍ର ଅତ୍ୟାଧୁନିକ ବସ୍ତ୍ର ଉତ୍ପାଦନ କାରଖାନା ‘ଟ୍ରାଇମେଟ୍ରୋ ଗାର୍ମେଣ୍ଟସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ’ ପରିଦର୍ଶନ କରିଥିଲେ । କାରଖାନାର କର୍ମଚାରୀମାନଙ୍କ ସହ ଆଲୋଚନା କରି ସେମାନଙ୍କର କାର୍ଯ୍ୟ ପ୍ରଣାଳୀ ଓ କାର୍ଯ୍ୟ ପରିବେଶ ସମ୍ପର୍କରେ ପଚାରି ବୁଝିଥିଲେ । ପରବର୍ତ୍ତୀ ସମୟରେ ମୁଣ୍ଡାଆମ୍ବ ସ୍ଥିତ ପ୍ରତିରକ୍ଷା ଓ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ଅଗ୍ରଣୀ ସଂସ୍ଥା ‘ଆନାଡ୍ରୋନ୍ ସିଷ୍ଟମ୍ସ’ ପରିସର ପରିଦର୍ଶନ କରିବା ସହ ସେଠାରେ କର୍ମଚାରୀମାନଙ୍କ ଆଲୋଚନା କରିଛନ୍ତି । କର୍ମଚାରୀମାନେ ନିଜର ଅନୁଭୂତି ବାଣ୍ଟି କହିଥିଲେ ଯେ, ରାଜ୍ୟ ସରକାରଙ୍କ ଶିଳ୍ପାନୁକୂଳ ଓ ନିଯୁକ୍ତିଭିତ୍ତିକ ପଦକ୍ଷେପ ଯୋଗୁଁ ସେମାନଙ୍କୁ ଆଉ ଜୀବିକା ଅନ୍ୱେଷଣରେ ବାହାର ରାଜ୍ୟକୁ ଯିବାକୁ ପଡୁନାହିଁ । ଏଭଳି ବସ୍ତ୍ର ଶିଳ୍ପଗୁଡ଼ିକ ରାଜ୍ୟରେ ବ୍ୟାପକ ରୋଜଗାର ସୃଷ୍ଟି କରିବା ସହ ସାଧାରଣ ଲୋକଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରୁଛି ବୋଲି ମୁଖ୍ୟମନ୍ତ୍ରୀଙ୍କୁ କର୍ମଚାରୀ ମାନେ କହିଛନ୍ତି । ମୁଖ୍ୟମନ୍ତ୍ରୀ ଶିଳ୍ପ ପ୍ରତିଷ୍ଠାନ ଗୁଡ଼ିକର ପରିଚାଳନା କର୍ତ୍ତୃପକ୍ଷଙ୍କୁ ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେବା ସହ ସ୍ଥାନୀୟ ନିଯୁକ୍ତିକୁ ସର୍ବାଧିକ ଅଗ୍ରାଧିକାର ଦେବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟରତ ମହିଳା କର୍ମଚାରୀମାନଙ୍କ ସୁରକ୍ଷା ଓ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବ । କର୍ମଚାରୀଙ୍କ ରହିବା ନିମନ୍ତେ ଅତ୍ୟାଧୁନିକ ହଷ୍ଟେଲ ନିର୍ମାଣ କରାଯିବା ସହ ସେମାନଙ୍କ ଦୈନନ୍ଦିନ ଯାତାୟାତକୁ ସହଜ, ସୁରକ୍ଷିତ ଓ ପରିବେଶ ଅନୁକୂଳ କରିବା ପାଇଁ ଇଭି ବସ୍ ସେବା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯୁବକଯୁବତୀମାନଙ୍କୁ ଜୀବିକା ସଂସ୍ଥାନ ପାଇଁ ଆଉ ନିଜ ପରିବାର ଓ ଭିଟାମାଟି ଛାଡ଼ି ବାହାର ରାଜ୍ୟକୁ ସାଧାରଣ ଶ୍ରମିକ ଭାବେ ଯିବାକୁ ପଡ଼ିବ ନାହିଁ । ସେମାନଙ୍କୁ ଓଡ଼ିଶାରେ ହିଁ ସମ୍ମାନଜନକ ଏବଂ ଶ୍ରେଷ୍ଠ ନିଯୁକ୍ତି ସୁଯୋଗ ଯୋଗାଇଦେବା ଆମ ସରକାରଙ୍କ ପ୍ରାଥମିକ ସଂକଳ୍ପ । ରାଜ୍ୟରେ ଶିଳ୍ପାୟନର ଏହି ଅନୁକୂଳ ବାତାବରଣ ସ୍ଥାନୀୟ ଅର୍ଥନୀତିକୁ ଏକ ନୂତନ ଗତି ପ୍ରଦାନ କରିବ । ସରକାର ପ୍ରତିଟି ପ୍ରକଳ୍ପର ଅଗ୍ରଗତିକୁ ଅତି ସତର୍କତା ଓ ସୂକ୍ଷ୍ମତାର ସହ ଅନୁଧ୍ୟାନ କରୁଛନ୍ତି । କମ୍ପାନୀର କର୍ମଚାରୀମାନଙ୍କ ସହ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେମାନଙ୍କର ଉନ୍ନତ ବୈଷୟିକ ଦକ୍ଷତା ଦେଶର ସୁରକ୍ଷାକୁ ଆହୁରି ସୁଦୃଢ଼ କରୁଛି ଏବଂ ସେମାନେ ଦେଶକୁ ସୁରକ୍ଷିତ ରଖିବାରେ ବିଶେଷ ଭୂମିକା ରଖୁଛନ୍ତି । ମୁଖ୍ୟମନ୍ତ୍ରୀ ଏହି କମ୍ପାନୀ ପକ୍ଷରୁ ନିର୍ମାଣ କରାଯାଉଥିବା ବିଭିନ୍ନ ଅତ୍ୟାଧୁନିକ ପ୍ରତିରକ୍ଷା ସାମଗ୍ରୀ ଦେଖିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ଶୁଦ୍ଧିକ୍ରିୟା ଭୋଜି ପାଲଟିଲା କାଳ

# ଚାଲିଗଲା ୪ ଜୀବନ, ୧୭ ଆକ୍ରାନ୍ତ

### ◆ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ତଦନ୍ତ ଜାରି



**ଝାରସୁଗୁଡ଼ା:** ଶୁଦ୍ଧିକ୍ରିୟା ଭୋଜି ପାଲଟିଲା କାଳ । ଭୋଜି ଖାଇବା ପରେ ଗାଁରେ ବ୍ୟାପିଲା ମୃତ୍ୟୁର ବିଭୀଷିକା । ସୁନ୍ଦରଗଡ଼ ଜିଲ୍ଲା ହେମଗିରି ବ୍ଲକ ନୂଆଡ଼ିହି ଗାଁରେ ୪ ଜଣଙ୍କ ଜୀବନ ଗଲାଣି । ପାଖାପାଖି ୩୦ ଜଣ ହସପିଟାଲରେ ଭର୍ତ୍ତି ହୋଇଛନ୍ତି । ଦଶାହ ଭୋଜି ଖାଇବା ପରେ ବିଷକ୍ରିୟା କିମ୍ବା ଗାଁ ପୋଖରୀର ଦୂଷିତ ଜଳ ଯୋଗୁଁ ଗାଁରେ ଝାଡ଼ାବାନ୍ତି ବ୍ୟାପିଥିବା କୁହାଯାଉଛି । ସ୍ୱତନ୍ତ୍ର ମେଡିକାଲ ଟିମ୍ ଗାଁରେ ଚିକିତ୍ସା ଜାରି ରଖିଛନ୍ତି । ଶୁଦ୍ଧିକ୍ରିୟାରେ ଯୋଗ ଦେବାକୁ ଆସିଥିବା ସମ୍ପର୍କୀୟ ଏବେ ଶ୍ମଶାନ ମୁହାଁ । ଘରୁ ଉଠୁଛି ମୃତଦେହ । ଗାଁରେ ପ୍ରତି ଘରେ କିଏ ନା କିଏ ଝାଡାବାନ୍ତିରେ ଆକ୍ରାନ୍ତ । ଅଧା ହସପିଟାଲରେ ଭର୍ତ୍ତି ଆଉ କିଛି ଜଣଙ୍କ ଘରେ ଚାଲିଛି ଚିକିତ୍ସା । ଦଶାହ ଭୋଜି ଖାଇବା ପରେ ସ୍ଥିତି ସଙ୍ଗୀନ, ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକ ନୂଆଡ଼ିହି ଗାଁରେ । ଗତ ୨୧ ତାରିଖ ଗାଁରେ ଜଣଙ୍କର ଶୁଦ୍ଧିକ୍ରିୟା ଥିଲା । ଏକାଠି ହୋଇଥିଲେ ସମ୍ପର୍କୀୟ, ବନ୍ଧୁବାନ୍ଧବ ଓ କିଛି ଗାଁଲୋକ । ଭୋଜି ଖାଇ ସମ୍ପର୍କୀୟମାନେ ନିଜ ନିଜ ଘରକୁ ଫେରିବା ପରେ ଆରମ୍ଭ ହୋଇଥିଲା ଝାଡ଼ାବାନ୍ତି । ପ୍ରଥମେ ନୂଆଡ଼ିହି ଗାଁର ୨ ଜଣ ଏବଂ ପରେ ଏକାସଙ୍ଗେ ୧୩ ଜଣଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଯାଇଥିଲା । ୩ ଜଣ ଗୁରୁତରଙ୍କୁ ବୁର୍ଲା ଏବଂ ଜଣଙ୍କୁ ସୁନ୍ଦରଗଡ଼ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଆଖିବୁଜିଛନ୍ତି ସମସ୍ତେ । ଯାହା ମଧ୍ୟରେ ରହିଛନ୍ତି ଝାରସୁଗୁଡା ଜିଲ୍ଲା ସୁନାଖାଏନ ଗାଁର ଦୁଇ ଜଣ ମହିଳା । ଶୁଦ୍ଧିକ୍ରିୟା ଭୋଜି ପାଲଟିଛି ସେମାନଙ୍କ ଶେଷ ଭୋଜି । ଗାଈ-ଗୋରୁ ଗାଧୋଇବା ଅସମ୍ଭବ ସ୍ଥାନରେ ମଣିଷ ବୁଡ ପକାଇଥିଲେ । ଶୌଚ ହୋଇଥିଲେ ସମସ୍ତେ । ଆଉ ଭୋଜି ଖାଇବା ପରେ ସ୍ଥିତି ସାଂଘାତିକ । ଗାଁରେ ଏବେ ଡେରା ପକାଇଛନ୍ତି ସୁନ୍ଦରଗଡ଼ରୁ ଯାଇଥିବା ସ୍ୱତନ୍ତ୍ର ଡାକ୍ତରୀ ଟିମ୍ । ଘରେ ଘରେ ଲୋକଙ୍କ ଚିକିତ୍ସା କରିବା ସହ ଔଷଧ ବାଣ୍ଟୁଛନ୍ତି । ଗାଁଲୋକ ପାଣି ପିଉଥିବା ନଳକୂପ ଏବଂ ଶୁଦ୍ଧିକ୍ରିୟା ହୋଇଥିବା ପୋଖରୀର ପାଣି ନମୁନା ସଂଗ୍ରହ କରାଯାଇଛି ।

## ଦିନ ୧୧ଟାରୁ ୩ଟା ଶ୍ରମିକଙ୍କୁ କାର୍ଯ୍ୟ କରାଅନି

### ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପୂର୍ତ୍ତ ବିଭାଗର ନିର୍ଦ୍ଦେଶ

**ଭୁବନେଶ୍ୱର :** ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ ନ କରିବାକୁ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି । ପୂର୍ତ୍ତ ବିଭାଗର ଇଆଇସି ସମସ୍ତ ଜୋନ୍‌ର ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀମାନଙ୍କୁ ଏ ନେଇ ଚିଠି କରିଛନ୍ତି । ଚିଠିରେ ଉଲ୍ଲେଖ କରାଯାଇଛି ଯେ ଗ୍ରୀଷ୍ମପ୍ରବାହ ପରିପ୍ରେକ୍ଷୀରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକମାନଙ୍କୁ ଖରାରେ କାର୍ଯ୍ୟ ନ କରାଇବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି । କିନ୍ତୁ କିଛି ସ୍ଥାନରେ ଏହି ସମୟରେ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ଗଣମାଧ୍ୟମ ସୂତ୍ରରୁ ସରକାରଙ୍କ ଦୃଷ୍ଟିକୁ ଆସିଛି । ଏଣୁ ଠିକା ସଂସ୍ଥାମାନେ ପ୍ରତିବନ୍ଧିତ ସମୟରେ କାର୍ଯ୍ୟ ବନ୍ଦ କରିବା ସହ ଶ୍ରମିକମାନଙ୍କ ପାଇଁ ଛାୟାର ବ୍ୟବସ୍ଥା (ରେଷ୍ଟ ସେଡ୍) ସହ ପାନୀୟ ଜଳ ଓ ଫାଷ୍ଟ ଏଡ୍ ଉପଲବ୍ଧ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହ କ୍ଷେତ୍ର କର୍ମଚାରୀମାନେ ଏଥି ପ୍ରତି ସଜାଗ ରହିବା ସହ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିବା ପୂର୍ବରୁ ସଚେତନତା ସୃଷ୍ଟି କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ଟ୍ରେନ୍ ଉପରେ ରିଲ୍ସ ସୁଟିଂ ହେଲା କାଳ

### ୩୩ହଜାର କେଭି ତାର ଲାଗି ଜଳିଗଲେ ଯୁବକ

**ଭୁବନେଶ୍ୱର :** ରିଲ୍ସ ଓ ସେଲ୍‌ଫିର ମାୟାରେ ଯୁବପିଢ଼ି । ଶସ୍ତା ପ୍ରଚାର ଜାରିଆରେ ସାମାଜିକ ଗଣମାଧ୍ୟରେ ସବ୍‌ସ୍କ୍ରାଇବର ଓ ଫଲୋଅର୍ସ ବଢ଼ିବା କିମ୍ବା ଭ୍ୟୁଅରସିପ୍‌ରୁ ଟଙ୍କା ମିଳିବା ଚର୍ଚ୍ଚା ଯେତେବଢୁଛି, ଯୁବପିଢ଼ିଙ୍କ ମଧ୍ୟ ସେଲ୍‌ଫି ଓ ରିଲ୍ସ ନିଶାରେ ମୃତ୍ୟୁ ସଂଖ୍ୟା ମଧ୍ୟ ସେତିକି ବଢ଼ିବାରେ ଲାଗିଛି । ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ ଗତ ୧୧ ବର୍ଷ ମଧ୍ୟରେ ୨୭୧ ଜଣ ମୃତାହତ ହୋଇଛନ୍ତି । ଏହି ସଂଖ୍ୟାରେ ଆଜି ଭୁବନେଶ୍ୱରର ଆଉ ଏକ ଯୁବକଙ୍କ ନାମ ଯୋଡ଼ି ହୋଇଯାଇଛି । ରବିବାର ପୂର୍ବାହ୍‌ଣରେ ମଞ୍ଚେଶ୍ୱର ରେଳୱେ ଷ୍ଟେସନରେ ଜଣେ ଯୁବକ ଟ୍ରେନ୍ ବଗି ଉପରେ ଠିଆ ହୋଇ ରିଲ୍ସ ନେବା ବେଳେ ନିକଟରେ ଥିବା ଉଚ୍ଚଶକ୍ତି ସମ୍ପନ୍ନ ୩୩ ହଜାର କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଜଳିଯାଇଛନ୍ତି । ଉକ୍ତ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରାଯାଇ ପ୍ରଥମେ ରେଳବିଭାଗ ପୁଲିସ୍ ମଞ୍ଚେଶ୍ୱର ରେଳୱେ ହସ୍ପିଟାଲ ପରେ କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସାପାଇଁ ସ୍ଥାନାନ୍ତର କରିଥିଲା । ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଏକ ସ୍ୱତନ୍ତ୍ର ଆମ୍ବୁଲାନସ୍ ଯୋଗେ ତାଙ୍କୁ ଏମ୍ସ ମେଡ଼ିକାଲକୁ ପଠାଇ ଦିଆଯାଇଛି । ବର୍ତମାନ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଅଛି । ଯୁବକ ଜଣଙ୍କ ଘର ରାଜ୍ୟସ୍ଥାନରେ ହୋଇଥିଲା ବେଳେ ତାଙ୍କ ନାମ ରାମେଶ୍ୱର ଦୋଶୋରା(୧୯) ।

## ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ପ୍ରସ୍ତୁତି ଜୋରଦାର

# ତିନିରଥର ୨୧ ଅଖ ନିର୍ମାଣ ଶେଷ



**ପୁରୀ :** ଜୁଲାଇ ୧୬ ତାରିଖ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ରଥଖଳାରେ ତିନିରଥ ନିର୍ମାଣ ଦ୍ରୁତ ଗତିରେ ଆଗେଇ ଚାଲିଛି । ରବିବାର ରଥ ନିର୍ମାଣର ୩୪ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥ ଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନ ରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଆଜି ଶେଷ ହୋଇଛି ତିନିରଥର ବାକି ଥିବା ୧୮ ଗୋଟି ଅଖର ନିର୍ମାଣ କାର୍ଯ୍ୟ । ଭଉଁରୀ ତିଥିରେ ଚକ ଅଖ ଡେରା ନୀତି ପାଇଁ ଶେଷ ହୋଇଥିବା ତିନିରଥର ଗୋଟିଏ ଗୋଟିଏ ନାହାକା ଆଖକୁ ମିଶାଇ ଆଜିସୁଦ୍ଧା ତିନି ରଥ ମୋଟ ୨୧ ଗୋଟି ଅଖ ନିର୍ମାଣ ଶେଷ ହୋଇଛି । ତିନିରଥର ୨୦ ଫୁଟିଆ ୧୪ ଟି ଲେଖାଏଁ ଚଉଦ ନାହାକା ଖମ୍ବ ନିର୍ମାଣ କାର୍ଯ୍ୟ ଜାରୀ ରହିଛି, ରଥ ଅମୀନ ଚଉଦ ନାହାକା ନିର୍ମାଣ ପାଇଁ ତିନିରଥ ଚାଳିକୁ ଭୋଇ ସେବକଙ୍କ ସହାୟତାରେ ଦୁଇଟି ପର୍ଯ୍ୟାୟରେ ୧୧ ଟି ଲେଖାଏଁ ୨୦ ଫୁଟିଆ ଧଉରା କାଠ ଫାଳି ଯୋଗାଇ ଦେଇଥିଲେ, ସେଥି ମଧ୍ୟରୁ ଆଜି ସୁଦ୍ଧା ତାଳଧ୍ୱଜ ରଥର ୮ ଟି ,ଦର୍ପଦଳନ ରଥର ୯ ଟି ଏବଂ ନନ୍ଦି ଘୋଷ ରଥର ୧୧ ଟି ଚଉଦ ନାହାକା ଚଉପଟ ପରେ ତାର ଅଷ୍ଟ କୋଣୀ ଆଂଶ ମରା କାର୍ଯ୍ୟ ଶେଷ ହୋଇଛି । ବାକି ନା ହାକା ଗୁଡ଼ିକର ଚଉପଟ କାର୍ଯ୍ୟ ଜାରୀ ରହିଛି । ରୂପକାର ସେବକ ମାନେ ତିନିରଥର ସାଲଗୁଜାରେ ରୂପ ଖୋଦେଇ ଶେଷ କରି ତିନି ରଥର ୮ ଟି ଲେଖାଏଁ ତୀଖ ଗୁଜରେ ସିଂହ ବିରାଳ ରୂପ ଖୋଦେଇ ଜାରୀ ରଖିଛନ୍ତି । ଦୋଳ ବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା ସେବକ ମାନେ ତିନି ରଥର ଅଖ କଣ୍ଟା , ଦଣ୍ଡା କଣ୍ଟା ସହ ବେଦୀ ସିଂହାସନ ର ବାହାର ପାର୍ଶ୍ୱ ପରିକ୍ରମା ପ୍ରସ୍ତୁତିରେ ପଟା ବାଡ଼ିଆ ପାଇଁ ତାଗ କଣ୍ଟା ପ୍ରସ୍ତୁତି ଜାରୀ ରଖିଛନ୍ତି । ଦୋଳବେଦୀ ଠାରେ ପାହି ମହାରଣା ମାନେ ଅଣସର ଏବଂ ରଥ ଯାତ୍ରା ରେ ସେବା ପୂଜା ପାଇଁ କାଠ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି ।

# ପୋଖରୀରେ ବୁଡ଼ି ଦୁଇ ଛାତ୍ରଙ୍କ ମୃତ୍ୟୁ





**ବ୍ରହ୍ମପୁର:** ବ୍ରହ୍ମପୁରର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ନୂଆସାହି ସ୍ଥିତ ବଡ଼ ବନ୍ଧରେ ବୁଡ଼ି ୨ ଜଣ ଛାତ୍ରଙ୍କର ମୃତ୍ୟୁ ଘଟିଛି । ସେମାନେ ହେଉଛନ୍ତି ବିଶ୍ୱଜିତ ପଣ୍ଡା ଓ ଅଭିଜିତ ମାରାଣ୍ଡି । ସେମାନେ ଚଳିତ ବର୍ଷ ଦଶମ ଶ୍ରେଣୀ ପାସ୍ କରିଥିଲେ । ରବିବାର ସକାଳେ ବିଶ୍ୱଜିତ ଓ ଅଭିଜିତ ତାଙ୍କର ଆଉ ୫/୬ ଜଣ ସାଙ୍ଗଙ୍କ ସହିତ ଇଞ୍ଜିନିୟରିଂ ସ୍କୁଲ ଗ୍ରାଉଣ୍ଡକୁ ଖେଳିବାକୁ ଯାଇଥିଲେ । ଖେଳିବା ପରେ ସେମାନେ ନୂଆସାହି ବଡ଼ ବନ୍ଧକୁ ଗାଧୋଇବାକୁ ଯାଇଥିଲେ । ସେଠାରେ ଗାଧୋଇବା ବେଳେ ବିଶ୍ୱଜିତ ଓ ଅଭିଜିତଙ୍କ ସହିତ ତାଙ୍କର ଆଉ ଜଣେ ସାଙ୍ଗ ବୁଡ଼ି ଯାଇଥିଲେ । ବିଶ୍ୱଜିତ ଓ ଅଭିଜିତ ପହଁରା ଶିଖି ନଥିଲେ ବୋଲି ସେମାନଙ୍କ ପରିବାର ଲୋକେ ସୂଚନା ଦେଇଛନ୍ତି । କୁହାଯାଉଛି, ପୋଖରୀରେ ପଙ୍କ ଥିବାରୁ ସେମାନେ ସେଥିରେ ଫସି ଯାଇଥିଲେ । ବିଶ୍ୱଜିତ, ଅଭିଜିତ ଓ ଅନ୍ୟ ଜଣେ ଛାତ୍ର ବୁଡ଼ି ଯିବା ପରେ ସେମାନଙ୍କ ସାଙ୍ଗମାନେ ପାଟି କରି ସ୍ଥାନୀୟ ଲୋକଙ୍କୁ ଡାକି ଥିଲେ । କିନ୍ତୁ ସ୍ଥାନୀୟ ଲୋକେ ମଧ ସେମାନଙ୍କୁ ଉଦ୍ଧାର କରିପାରି ନଥିଲେ । ଅଗ୍ନିଶମ ବାହିନୀର କର୍ମଚାରୀମାନେ ଆସିବା ପରେ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ । ସେଠାରେ ବିଶ୍ୱଜିତ ଓ ଅଭିଜିତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । କିନ୍ତୁ ସେମାନଙ୍କ ସହିତ ବୁଡ଼ି ଯାଇଥିବା ଅନ୍ୟ ଜଣେ ସାଙ୍ଗ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି । ବିଶ୍ୱଜିତ୍ ପଣ୍ଡାଙ୍କ ବାପା ବିଷ୍ଣୁ ପ୍ରସାଦ ପଣ୍ଡା କହିଛନ୍ତି ଯେ ସେ ସବୁଦିନେ ତା’ ସାଙ୍ଗମାନଙ୍କ ସହିତ ଇଞ୍ଜିନିୟରିଂ ସ୍କୁଲ ଗ୍ରାଉଣ୍ଡକୁ ଖେଳିବାକୁ ଯାଏ । ଆଜି ସକାଳେ ମଧ୍ୟ ସେ ଖେଳିବାକୁ ଯାଇଥିଲା । ଖେଳିବା ପରେ ଗରମରୁ ତ୍ରାହି ପାଇବା ପାଇଁ ସେ ସାଙ୍ଗମାନଙ୍କ ସହିତ ଗାଧୋଇବାକୁ ଯାଇଥିଲା । ଦୁଇ ତିନି ଜଣ ସାଙ୍ଗ ଗାଧୋଇ ସାରିବା ପରେ ସେ ଓ ଅନ୍ୟ ଦୁଇ ଜଣ ଗାଧୋଇବାକୁ ପୋଖରୀରେ ପଶିଥିଲେ । ହେଲେ ସେମାନେ ପୋଖରୀରେ ଥିବା ପଙ୍କରେ ଫସି ଯାଇଥିଲେ । ସେଥିପାଇଁ ସେମାନେ ବୁଡ଼ି ଯାଇଥିଲେ । ସେମାନଙ୍କ ଭିତରୁ ବିଶ୍ୱଜିତ୍ ଓ ତା’ର ଅନ୍ୟ ଜଣେ ସାଙ୍ଗଙ୍କ ମୃତ୍ୟୁ ଘଟିଛି ।

## ସ୍ୱାସ୍ଥ୍ୟକର୍ମୀଙ୍କ ଚରମ ଅବହେଳା

### ହାତରୁ ଖସି ନବଜାତକର ମୃତ୍ୟୁ

**ଝାରସୁଗୁଡ଼ା:** ସ୍ୱାସ୍ଥ୍ୟକର୍ମୀଙ୍କ ଚରମ ଅବହେଳା । ଅକାଳରେ ବଳି ପଡ଼ିଲା ନବଜାତଙ୍କ ଜୀବନ । ପ୍ରସବ ପରେ ନବଜାତ ଶିଶୁ କନ୍ୟା ହାତରୁ ଖସି ପଡ଼ି ମୃତ । ଏଭଳି ଅଭାବନୀୟ ଘଟଣା ଲଖନପୁର ବ୍ଲକ୍ ପଲସଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଘଟିଛି । ମେଡିକାଲ୍ କର୍ମଚାରୀଙ୍କ ଅବହେଳା ଯୋଗୁଁ ଏଭଳି ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ନବଜାତ ଶିଶୁ କନ୍ୟାର ମୃତ୍ୟୁକୁ ନେଇ ହସ୍ପିଟାଲ୍ ପରିସରରେ ଉତ୍ତେଜନା ପ୍ରକାଶ ପାଇଛି । ଅଭିଯୁକ୍ତ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିବା ସହ କ୍ଷତିପୂରଣ ଦାବି କରିଛନ୍ତି ପରିବାରଲୋକ । ଘଟଣାସ୍ଥଳରେ ରେଙ୍ଗାଲି ପୁଲିସର ପହଞ୍ଚି ପଚରାଉଚରା କରୁଥିବା ଜଣାପଡିଛି । ତେବେ ଏଭଳ ଅବହେଳା ପାଇଁ କିଏ ଦାୟୀ ତାକୁ ନେଇ ତଦନ୍ତ ଚାଲିଛି ।

## ସରକାରୀ ଯୋଜନାର ତଦାରଖ ପାଇଁ ପଦକ୍ଷେପ

# ଜିଲ୍ଲା ଗସ୍ତ କରିବେ ସଚିବ ଓ ବରିଷ୍ଠ ଅଧିକାରୀ

**ଭୁବନେଶ୍ୱର :** ରାଜ୍ୟରେ ଚାଲିଥିବା ବିଭିନ୍ନ କଲ୍ୟାଣମୂଳକ ଓ ଲୋକାଭିମୁଖୀ ଯୋଜନାର ସଫଳ କାର୍ଯ୍ୟକାରିତା ଏବଂ ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା ପାଇଁ ରାଜ୍ୟ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ମେ’ ମାସଠାରୁ ଜୁଲାଇ ପର୍ଯ୍ୟନ୍ତ ସରକାରଙ୍କ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ବିଭିନ୍ନ ଜିଲ୍ଲା ଗସ୍ତ କରିବେ । ଏ ନେଇ ଯୋଜନା ଓ ସଂଯୋଜନ ବିଭାଗର ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ସମସ୍ତ ବିଭାଗକୁ ଚିଠି ଲେଖି ସୂଚନା ଦେଇଛନ୍ତି । ଅଧିକାରୀମାନେ ୨ରୁ ୩ ଦିନିଆ ଜିଲ୍ଲା ଗସ୍ତ କରିବେ । ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରି ସରକାରୀ ଯୋଜନାର କାର୍ଯ୍ୟକାରୀତାକୁ ପରଖିବେ । ଏହି ପରିପ୍ରେକ୍ଷୀରେ ସଂଜୀବ କୁମାର ମିଶ୍ର – କଟକ, ସଞ୍ଜୟ କୁମାର ସିଂ –ଖୋର୍ଦ୍ଧା ସୁରେଶ କୁମାର ବଶିଷ୍ଠ – କେନ୍ଦୁଝର, ଶୁଭା ଶର୍ମା – ସମ୍ବଲପୁର, ଏନ.ବି.ଏସ ରାଜପୁତ – ଅନୁଗୁଳ,ଭାସ୍କର ଜ୍ୟୋତି ଶର୍ମା -ଯାଜପୁର ତେମଜେନଓ୍ୱାପଙ୍ଗ ଆଓ – ନୟାଗଡ , ଆର.ଏସ.ଗୋପାଳନ-କୋରାପୁଟ , ଗିରୀଶ ଏସ.ଏନ. – ଜଗତସିଂହପୁର, ଡଃ ମୃଣାଳିନୀ ଦର୍ସ୍ୱାଲ-ରାୟଗଡା, ଅଶ୍ୱତୀ ଏସ୍. – ଢେଙ୍କାନାଳ, ରାଜେଶ ପ୍ରଭାକର ପାଟିଲ –କେନ୍ଦ୍ରାପଡା, ଅରବିନ୍ଦ ଅଗ୍ରଓ୍ୱାଲ-ବାଲେଶ୍ୱର,ବଲବନ୍ତ ସିଂହ – ପୁରୀ , ସଚିନ ରାମଚନ୍ଦ୍ର ଯାଦବ –କଳାହାଣ୍ଡି, ଭୂପେନ୍ଦ୍ର ସିଂ ପୁନିଆ –ଦେବଗଡ, ଯାମିନି ଷଡଙ୍ଗୀ-ଭଦ୍ରକ, ବି.ପରମେଶ୍ୱରନ –ବୌଦ୍ଧ , ଗୁହା ପୁନମ ତାପସ କୁମାର-ସୋନପୁର , ଡ. ବିଜୟ କେତନ ଉପାଧ୍ୟାୟ-ବରଗଡ , ଡି. ପ୍ରଶାନ୍ତ କୁମାର ରେଡ୍ଡୀ -ଗଜପତି ଡା. ଏନ୍. ତିରୁମାଲା ନାଏକ – ମାଲକାନଗିରି , ରଶ୍ମିତା ପଣ୍ଡା –କନ୍ଧମାଳ , ଡଃ ବୃନ୍ଦା ଡି-ଝାରସୁଗୁଡା, ମହମ୍ମଦ ସାଦିକ ଆଲମ୍ - ବଲାଙ୍ଗୀର , ମାନସୀ ନିମ୍ଭାଲ – ମୟୂରଭଞ୍ଜ , ପ୍ରେମ ଚନ୍ଦ୍ର ଚୌଧୁରୀ-ନୂଆପଡା, ଅରିନ୍ଦମ ଡାକୁଆ – ଗଞ୍ଜାମ, କେ.ସୁଦର୍ଶନ ଚକ୍ରବର୍ତ୍ତି-ନବରଙ୍ଗପୁର , ଭିନୀଥ୍ ଭାରଦ୍ୱାଜ -ସୁନ୍ଦରଗଡ ।

# ଦୁଇଟି ହାତୀର ମୃତଦେହ ଠାବ

## ତଦନ୍ତ କରୁଛି ବନ ବିଭାଗ



**କଳାହାଣ୍ଡି :** ଦୁଇଟି ହାତୀର ମୃତ୍ୟୁ ଖବର ମିଳିଛି । ଗୋଟେ ଦନ୍ତା ହାତୀର ମୃତ୍ୟୁ ହୋଉଥିବାବେଳେ ଆଉ ଏକ ମାଖନା ହାତୀର ମୃତ୍ୟୁ ହୋଇଛି । କଳାହାଣ୍ଡି ନର୍ଲା ରେଞ୍ଜ କମର୍ଦ୍ଧା ସେକ୍ସନ ଏକ ପୋଖରୀ ନିକଟରୁ ଦନ୍ତାହାତୀର ମୃତଦେହ ଉଦ୍ଧାର ହୋଇଛି । ପ୍ରବଳ ଖରା ସାଙ୍ଗକୁ ଜଙ୍ଗଲରେ ପାଣିର ଅଭାବ ପାଇଁ ହାତୀ ଲଢ଼େଇରୁ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି । ୩ ରୁ୪ ଦିନ ପୂର୍ବରୁ ହାତୀର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି । ବନ ବିଭାଗର ଡ଼ିଏଫଓ, ରେଞ୍ଜର, ଫରେଷ୍ଟର ସହ କର୍ମଚାରୀ ଉପସ୍ଥିତ ରହି ଅଧିକ ତଦନ୍ତ କରୁଛନ୍ତି ।

ସେହିପରି ଆଠମଲ୍ଲିକ ବନାଞ୍ଚଳରେ ଏକ ମାଖନା ହାତୀର ମୃତ୍ୟୁ ହୋଇଛି । ଆଠମଲ୍ଲିକ ବନଖଣ୍ଡ ଅଧୀନ ମାଧପୁର ରେଞ୍ଜ ଅଞ୍ଚଳର ମନଜୋର ସେଚ ପ୍ରକଳ୍ପ ନିକଟସ୍ଥ ମନରବେଡା ଖେସରା ଜଙ୍ଗଲରେ ଏହି ମାଖନା ହାତୀର ମାରି ପଡିଛି । ଖବର ପାଇ ସହକାରୀ ବନ ସଂରକ୍ଷକ ସଚ୍ଚିଦାନନ୍ଦ ସେଠୀ ବନକର୍ମଚାରୀଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚି ମୃତ ହାତୀକୁ ଠାବ କରିଛନ୍ତି ।ମୃତ୍ୟୁର କାରଣ ସମ୍ପର୍କରେ ତଦନ୍ତ ଆରମ୍ଭ କରିଛନ୍ତି । ସାଧାରଣ ହାତୀ ଠାରୁ ଅପେକ୍ଷାକୃତ ଛୋଟ ଆକୃତିର ଏହି ମାଖନା ହାତୀ ଏକୁଟିଆ କିଛିଦିନ ହେବ ମନରବେଡା ଗାଁର ଆଖପାଖ ଜଙ୍ଗଲରେ ଆମ୍ବ ଖାଇବା ପାଇଁ ଆସି ରହିଯାଇଥିଲା । ଏଲିଫାଣ୍ଟ ଓ୍ୱାଚରମାନେ ଏହି ହାତୀକୁ ଟ୍ରାକିଙ୍ଗ କରୁ ଥିଲେ ।ଆଜି ସକାଳେ ମନରବେଡା ଗାଁ ସଂଲଗ୍ନ ଖେସରା ଜଙ୍ଗଲରେ ହାତୀର ମୃତଦେହ ପଡିଥିବା ଖବର ପାଇ ବନ କର୍ମଚାରି ମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ । ମୃତ ହାତୀର ବୟସ ୬୦ ବର୍ଷ ରୁ ଅଧିକ ହେବ । ବୟସାଧିକ୍ୟ କାରଣରୁ ହାତୀର ମୃତ୍ୟୁ ହୋଇଥାଇ ପରେ ବୋଲି ଆଶଙ୍କା କରାଯାଉଛି । ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି ।

ସମ୍ପାଦକୀୟ

# ଟକ୍କର ଏଥର ଜୋର୍‌ଦାର

ଯେତେବେଳେ ବିଜୟ ଲକ୍ଷ୍ୟ ରହିବ, ସେବେ ଆଖି ଆଗରେ କେବଳ ସେହି ଗୋଟାଏ ଲକ୍ଷ୍ୟ ରହିବ। ଯେମିତି ବି ହେଉ , ବିଜୟ ଲକ୍ଷ୍ୟ ହାସଲ କରିବା ପାଇଁ ସବୁପ୍ରକାର ଚେଷ୍ଟା ଜାରି ରହିବା ଦରକାର। ଯେମିତି ବି ହେଉ ବିଜୟ ଲକ୍ଷ୍ୟ ହାସଲ ଜରୁରୀ। ସବୁବେଳେ ସମସ୍ତଙ୍କୁ ବିଜୟପ୍ରାପ୍ତି ହୁଏନାହିଁ କିନ୍ତୁ ବିଜୟପ୍ରାପ୍ତି ଉଦ୍ୟମରେ ବି କମି ହୁଏନାହିଁ । ଚେଷ୍ଟାରେ କିନ୍ତୁ କୌଣସି କମି ନଥାଏ, କିଛି ବି ଭୁଲ୍‌ଚୁକ୍ ନ ଥାଏ। ତଥାପି ଫଳାଫଳ କିନ୍ତୁ ଭିନ୍ନ ହୁଏ। କିଏ ପାସ୍ ତ କିଏ ଫେଲ। କାହର ଜିତ୍ ତ ଆଉ କାହାର ହାର୍ । ଟକ୍କର କିନ୍ତୁ ଜୋର୍‌ଦାର। ଏବେ ଭାରତରେ ଚାଲିଛି ନିର୍ବାଚନୀ ମାହୋଲ୍। ବିଭିନ୍ନ ରାଜ୍ୟରେ ଏବେ ଏବେ ଶେଷ ହୋଇଛି ବିଧାନସଭା ନିର୍ବାଚନ। ଯୋଉସବୁ ରଜ୍ୟରେ ବିଧାନସଭା ନିର୍ବାଚନ ସରିଛି, ସେ ସବୁ ରାଜ୍ୟରେ ସାନି ନିର୍ବାଚନ ଆଉ ହୋଇନପାରେ। ହେଲେ ଫଳାଫଳରେ ଯଦି କେଉଁଠି କିଛି ବି ତ୍ରୁଟି ରହିଯାଏ, ତଥାପି ହେବନି ସାନି ନିର୍ବାଚନ। ଜିତିଲାବାଲା କି କେବେ ଇଚ୍ଛା କରିବ କି ? ହରିଲାବାଲା କିନ୍ତୁ ଇଚ୍ଛା କରିବ। କାରଣ ଜିତିବା ତ ସବୁରୀ ମନ। ସବୁ କାମ କି ମନ ଅନୁସାରେ ହୋଇଥାଏ। ସେଥିପାଇଁ ବି ଧନ ଦରକାର। ଭାରତର ବିଭିନ୍ନ ରାଜ୍ୟରେ ସଦ୍ୟ ସମାପ୍ତ ହୋଇଯାଇଛି ରାଜ୍ୟସଭା ନିର୍ବାଚନ ଯାହାକି ଏପ୍ରିଲ୍ ମାସ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହୋଇ ନିକଟରେ ଏବେ ଶେଷ ହୋଇଛି । କୋଉ ରାଜ୍ୟରେ କୋଉ ଦଳ କ୍ଷମତାକୁ ଆସିବ ଅବା କିଏ ନ ଆସିବ, ତାହା ତ ଭିନ୍ନ କଥା, ନଜର କିନ୍ତୁ ଏବେ ଟିକି ରହିଛି ବେଙ୍ଗଲ ଉପରେ , ତାହା ପରେ ତାମିଲ୍ ଉପରେ। ଭାରତର ସମୁଦାୟ ୨୯ ରାଜ୍ୟ ମଧ୍ୟରୁ ଉତ୍ତର ଭାରତ ଏବଂ କେତେକ ଦକ୍ଷିଣ ଭାରତୀୟ ରାଜ୍ୟରେ ଏବେ ରଜ୍ୟ ବିଧାନାସଭା ନିର୍ବାଚନ ଶେଷ ହୋଇଛି। ଫଳାଫଳ ତ ପ୍ରକାଶ ପାଇନି ହେଲେ ଅତିଶୀଘ୍ର ମେ ଚାରି ତାରିଖରେ ଫଳାଫଳ ପ୍ରକାଶ ପାଇବାର ତାରିଖ ବି ନିର୍ଦ୍ଦିଷ୍ଟ ହୋଇଯାଇଛି। ସବୁ କିଛି ନିର୍ଦ୍ଦିଷ୍ଟ ମଧ୍ୟରେ ଗୋଟାଏ କଥା କିନ୍ତୁ ରହି ଯାଉଛି ଅନିର୍ଦ୍ଦିଷ୍ଟ ହୋଇ। ତାହା ହେଉଛି କୋଉଠି କିଏ ଆସିବ ? କୋଉଠି କିଏ ଜିତିବ ? ଭାରତର ୨୯ ରାଜ୍ୟ ମଧ୍ୟରୁ ପ୍ରାୟ ୧୯ ରାଜ୍ୟରେ ଯେଉଁଠି ବିଜେପିର ରାଜନୈତିକ ପ୍ରଭାବ ଜାରି ରହିଛି ଏବଂ କେନ୍ଦ୍ରର ବିଜେପି ସରକାର କେନ୍ଦ୍ରରୁ ରାଜନୀତିକ ଗୋଟି ଚାଳନା କରି ଭାରତର ଅବଶିଷ୍ଟାଂଶ ରାଜ୍ୟମାନଙ୍କରେ ମଧ୍ୟ ନିଜର ଜିତାପଟ କାଏମ୍ ରଖିବାକୁ ଚାହୁଁଛି ଏବଂ ସେହି ଅନୁସାରେ ନିଜର ଉଦ୍ୟମ ବି ଜୋରଦାର କରିଛି । ସେ ପାଇଁ ତ ଆମେ ଭାବୁଛୁ ଟକ୍କର ଏଥର ଜୋରଦାର। କାରଣ ଯେମିତି ବି ହେଉ ସମସ୍ତଙ୍କ ବିଜୟ ଲକ୍ଷ୍ୟ ହାସଲ ଜରୁରୀ। ଯିଏ ବି ଥରେ ମଇଦାନରେ ଦେଖାଦିଏ, ଯିଏ ବି ଥରେ ରାଜନୀତିକ ମଇଦାନରେ ନିଜର ଉଦ୍ଦେଶ୍ୟମୂଳକ ଉପସ୍ଥିତି ଜାହିର କରେ , ତା'ର ଉଦ୍ଦେଶ୍ୟ କେବଳ ବିଜୟ ମାନେ ବିଜୟ ଯୋଉଠି ସବୁବେଳେ ସମସ୍ତଙ୍କୁ ବିଜୟପ୍ରାପ୍ତି ହୁଏନାହିଁ କିନ୍ତୁ ବିଜୟପ୍ରାପ୍ତି ଉଦ୍ୟମରେ ବି କମି ହୁଏନାହିଁ । ଉଦ୍ୟମରେ ବି କିନ୍ତୁ କୌଣସି କମି ନଥାଏ, କିଛି ବି ତ୍ରୁଟି ବିଚ୍ୟୁତି ଥାଏ। ତଥାପି ଫଳାଫଳ କିନ୍ତୁ ସମାନ ନଥାଏ। କିଏ ପାସ୍ ତ କିଏ ଫେଲ୍। କାହର ବିଜୟ ତ ଆଉ କାହାର ପରାଜୟ। ଟକ୍କର କିନ୍ତୁ ଜୋର୍‌ଦାର। ଏବେ ଆମ ଦେଶରେ ଚାଲିଛି ନିର୍ବାଚନୀ ମାହୋଲ୍। ଭାରତର ଅଧିକାଂଶ ରାଜ୍ୟରେ ସଦ୍ୟ ସମାପ୍ତ ହୋଇଯାଇଛି ରାଜ୍ୟ ବିଧାନସଭା ନିର୍ବାଚନ । କେଉଁ ରାଜ୍ୟରେ କିଏ ଆସିବ ଅବା ନ ଆସିବ, ସିଏ ତ ପରକଥା ତେବେ ପୁରା ଭାରତକୁ ନିଜ ଅକ୍ତିଆରକୁ ନେବାର ବୃହତ୍ ରାଜନୈତିକ ଉଦ୍ଦେଶ୍ୟ ରଖୁଥିବା ବିଜେପିର ମୁଖ୍ୟ ନଜର ଏବେ ପଶ୍ଚିମବଙ୍ଗ ଏବଂ ତାମିଲ୍‌ନାଡୁ ଉପରେ । ଏମିତି ତ ପୂରା ଭାରତ ଉପରେ ନଜର ତେବେ ଏହି ରାଜ୍ୟ ଦୁଇଟି ଉପରେ ଏବେ ବିଜେପିର ହେଭୀ ନଜର, କଡ଼ା ନଜର, ତୀକ୍ଷଣ ନଜର। ଗୋଟାଏ ପଟେ ଉତ୍ତରରେ ମମତା ଦିଦିଙ୍କ ଦବଦବା ଜାରି ରହିଥିବା ବେଳେ ଆରପଟେ ଦକ୍ଷିଣ ଭାରତ ତାମିଲ୍ ନାଡୁରେ ପ୍ରଭାବ ଜାହିର କରୁଛନ୍ତି ଏମ୍ କେ ଷ୍ଟାଲିନ୍ । ତଥ୍ୟ ଯାହା କହୁଛି ମମତା ଦିଦି ଯେ କି ବଙ୍ଗରେ କ୍ଷମତା ହାସଲ ପାଇଁ ସବୁ ପ୍ରକାର କଳବଳ କଉଶଳ ଖଟାଇ ଦେଇଛନ୍ତି। ବୋଧହୁଏ ସେଇଥିପାଇଁ ପ୍ରଥମ ପର୍ଯ୍ୟାୟରେ ୯୦ ପ୍ରତିଶତରୁ କିଛିଟା କମ୍ ରହିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୯୨ ପ୍ରତିଶତ ମତଦାନ ହୋଇଛି। ରାଜ୍ୟର ରାଜନୀତିକ ଇତିହାସ ଯାହା କହୁଛି ବଙ୍ଗରେ ପୂର୍ବରୁ ସଙ୍ଗଠିତ ହୋଇଯାଇଥିବା ବିଭିନ୍ନ ଆଞ୍ଚଳିକ ନିର୍ବାଚନମାନଙ୍କ ତୁଳନାରେ ବର୍ତ୍ତମାନର ନିର୍ବାଚନରେ ଯେଉଁଭଳି ଭାବେ ମତଦାନ ହୋଇଛି , ଯାହା କି ପଶ୍ଚିମବଙ୍ଗ ରେ ଗୋଟାଏ ବୃହତ୍ ରେକର୍ଡ। ଯାହା ବଙ୍ଗବାସୀଙ୍କ୍ ଭୋଟ୍ ପ୍ରୀତି ନା ବଙ୍ଗବାସୀଙ୍କ ଦିଦି ପ୍ରୀତି, ତାହା ତ ଫଳାଫଳ ପ୍ରକାଶ ପାଇଲା ପରେ ହିଁ ଜଣାପଡ଼ିବ ,ତେବେ ମା' ମାଟି ମାନୁଷ ର କଥା କହୁଥିବା ମମତା ସରକାରକୁ ହରାଇବା ପାଇଁ ବିଜେପି ମଧ୍ୟ କୌଣସି କସରତ ବାକି ରଖିନି । ଦିଦିଙ୍କୁ ତାଙ୍କରି ଭାଷାରେ ଜବାବ୍ ଦେଇ ପଶ୍ଚିମ ବଙ୍ଗରେ ନିଜର ସୁନିଶ୍ଚିତ ବିଜୟର ସମ୍ଭବନା ଲକ୍ଷ୍ୟ କରୁଛି ବିଜେପି।

# କଥାଦେଇ କଥା ରଖିଲା

ଘାସ ପଡ଼ିଆରେ ବୁଲୁ ବୁଲୁ କେତେବେଳେ ଯେ ସେ ତା'ର ଅଜାଣତରେ ଜଙ୍ଗଲର ଟିକିଏ ଭିତରକୁ ପଶିଯାଇଥିଲା, ସେ ନିଜେ ବି ସେମିତି କିଛି ଆମେ କହୁଛୁ ସେଇ ପାଖ ଗାଁରେ ରହୁଥିବା ଗୋଟିଏ ନିରୀହା ଗୋଟୁ କଥା ଯେ କି ପ୍ରତିଦିନ ଘାସ ଖାଇବା ପାଇଁ ଗାଁ ପାଖ ଜଙ୍ଗଲକୁ ଯାଏ। ତେବେ ଥରେ ଯାଉ ଯାଉ ବେଶି ଭିତରକୁ ପଶିଯିବା ଦ୍ୱାରା ତା'ର ହଠାତ୍ ଜଙ୍ଗଲର ଏକ ଅଜବ ଜୀବ ସହିତ ସହିତ ତା'ର ସାମ୍ନା ହୋଇଗଲା। କ'ଣ କରିବ ଏବଂ ନ କରିବ , କିଛି ବି ବୁଝିପାରିଲାନି ସେ । ଭାବିଲା ଆଜି ଜୀବନ ଗଲା। ଏବେ ବନ୍ଦାକୁ ଖାଇବା ପାଇଁ ଆଗେଇ ଆସିଲା। ନନ୍ଦା ଅତି ଭୟଭୀତ ହୋଇ ବାଘ ଆଗରେ କାକୁତି ମିନତି ହୋଇ ନେହୁରା ହୋଇ କହିଲା , ମୋତେ ଦୟାକରି ଛାଡ଼ିଦିଅ। ମୁ ଘରକୁ ଫେରିଯିବି । ହେଲେ ସେହି ଅଜବ ଜୀବ କିନ୍ତୁ ଶୁଣିବାକୁ ନାରାଜ୍ । ଏଣୁ ତା' ପାଖରେ ବନ୍ଦା ତା'ର ଛୋଟ ଛୁଆକୁ କ୍ଷୀର ଦେବା କଥା କହି ନେହୁରା ହେବା ପରେ ସିଂହର ମନ ବି ଟିକେ ତରଳିଗଲା। ସେ ଅନ୍ତତଃ କିଛି ସମୟ ପାଇଁ ନନ୍ଦା କଥାରେ ରାଜି ହୋଇ ତାକୁ ଛାଡ଼ିଦେଲା ତା'ର ବାଟରେ କିନ୍ତୁ ଗୋଟାଏ ସର୍ତ୍ତରେ । ନନ୍ଦା ତା'ର ବାଛୁରୀ ଛୁଆକୁ କ୍ଷୀରପିଆଇ ପୁଣି ଥରେ ଫେରି ଆସିବ ତା'ର ପାଖକୁ। ବନ୍ଦା ବି ଅତି ସହଜରେ ରାଜି ହୋଇଗଲା ସେହି ଜଙ୍ଗଲୀ ଜୀବ କଥାରେ କିନ୍ତୁ ସେ ବି ତାକୁ ଗଲାବେଳେ ତାଗିଦ କରି କହିଲା ଯେ ସେ ତା'ର ଛୁଆକୁ କ୍ଷୀର ପିଆଇ ତୁରନ୍ତ ତା' ପାଖକୁ ଫେରି ଆସିବ ନଚେତ ସେ ଉଭୟ ମା' ଛୁଆଙ୍କୁ ମାରିଦେବ । ବନ୍ଦା ତା' କଥାରେ ହିଁ ଭରି ତୁରନ୍ତ ଦୌଡ଼ି ପଳାଇଲା ସେଠାରୁ । କିଛି ସମୟ ଭିତରେ ସେ ତା'ର ଛୁଆ ପାଖରେ ପହଞ୍ଚି ତା'ର ଛୁଆକୁ କ୍ଷୀର ପିଆଇବା ବେଳେ ତାକୁ ଭଲକରି କ୍ଷୀର ପିଇବା ପାଇଁ କହିଲା। ମା' କହିଲା କି ଭଲକରି କ୍ଷୀର ପିଇଦେ । ପେଟ ପୂରାଇ କ୍ଷୀର ପିଇଦେ। ଆଜି ତୋ'ର ଶେଷଦିନ। ପରେ ସେ ତାକୁ ଜଙ୍ଗଲର ସେହି କଥା କହି ମନ ଦୁଃଖରେ ସେଠାରୁ ଫେରିବା ସମୟରେ ତା'ର ଛୁଆ ବି ତା'ର ସହିତ ଯିବା ପାଇଁ ଜିଦ୍ କରି ମା' ସହିତ ଗଲା। ଚଭୟ ମା' ଛୁଆ ଯାଇ ପହଞ୍ଚିଲେ ଜଙ୍ଗଲର ସେହି ଅଜବ ଜୀବ ପାଖରେ। ବନ୍ଦାର ଫେରିବା ଉପରେ ଖୁସି ହୋଇ ଜଙ୍ଗଲର ସେହି ଅଜବ ଜୀବ ଅତ୍ୟନ୍ତ ଖୁସି ହୋଇ ତାକୁ ଛାଡ଼ିଦେଲା। ତାକୁ ତା' ବାଟରେ ଯିବାକୁ ଦେଲା। କାରଣ ସେ ଖୁସି ହୋଇଯାଇଥିଲା ତା'ର କଥାରେ ଯାହା ସେ ତାକୁ ଦେଇଥିଲା ଏବଂ ସେହି କଥା ଅନୁସାରେ ତା'ର କଥା ରଖିଲା।ଏଣୁ ସେହି ଅଜବ ଜଙ୍ଗଲୀ ଜୀବ ତା' କଥାରେ ପ୍ରୀତ ହୋଇ ତାକୁ ଖୁସିରେ ଖୁସିରେ ଛାଡ଼ିଦେଲା।

# ପବିତ୍ର ଚନ୍ଦନ ପୂର୍ଣ୍ଣିମାର ମହତ୍ୱ



ଦଶରଥ ହେମ୍ବ୍ରମ୍

ଓଡ଼ିଆ ପଞ୍ଜିକା ଅନୁସାରେ ପୂର୍ଣ୍ଣମୀ ହେଉଛି ମାସର ଶେଷ ଦିନ। ବାରମାସ ମଧ୍ୟରୁ ବୈଶାଖ ମାସଟି ଆଦ୍ୟ ମାସ ଓ ଚୈତ୍ର ମାସ ହେଉଛି ମାସର ଶେଷ ମାସ। ଚୈତ୍ରପୂର୍ଣ୍ଣମୀ ପରଦିନଠାରୁ ଆରମ୍ଭ ହୋଇ ବୈଶାଖ ପୂର୍ଣ୍ଣମା ପର୍ଯ୍ୟନ୍ତ ମାସ ଅବଧିର ଶେଷ ଦିନଟି ହେଉଛି ବୈଶାଖ ପୂର୍ଣ୍ଣମା। ଏହା ବାରଟି ପୂର୍ଣ୍ଣମା ମଧ୍ୟରୁ ଶ୍ରେଷ୍ଠ ବା ଆଦ୍ୟ ପୂର୍ଣ୍ଣମା। ଏହାକୁ ଓଡ଼ିଆ ସଂସ୍କୃତି ଓ ପରମ୍ପରା ଅନୁସାରେ 'ଚନ୍ଦନ ପୂର୍ଣ୍ଣମା' ବୋଲି କୁହାଯାଏ। ବୈଶାଖ ଶୁକ୍ଳ ତୃତୀୟା (ଅକ୍ଷୟ ତୃତୀୟା)ଠାରୁ ଆରମ୍ଭ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ (ସ୍ନାନ ପୂର୍ଣ୍ଣମାର ପୂର୍ବଦିନ) ପର୍ଯ୍ୟନ୍ତ ମୋଟ ୪୨ ଦିନ ଧରି ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ଦିନଠାରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିଭିନ୍ନ ଦାନଧର୍ମ ପୂଜାର୍ଚ୍ଚନା କରାଯାଏ। ଗୃହ ନିର୍ମାଣ, ଗୃହ ପ୍ରତିଷ୍ଠା, ମନ୍ଦିର ପ୍ରତିଷ୍ଠା, ଶ୍ରୀଜଗନ୍ନାଥଙ୍କ ରଥ ଗଢ଼ା ଆରମ୍ଭ ତଥା ଚନ୍ଦନ ଯାତ୍ରାର ଶୁଭାରମ୍ଭ ହୋଇଥିବାରୁ ଏହାକୁ ଏକ ପାରମ୍ପରିକ ଗଣ ମହୋତ୍ସବ ମଧ୍ୟ କୁହାଯାଏ। ବର୍ଷସାରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ନୀଳାଚଳ ଧାମ ଶ୍ରୀକ୍ଷେତ୍ରରେ ବିଭିନ୍ନ ଲୀଳାଖେଳା ଲାଗି ରହିଥିବାରୁ କୁହାଯାଏ ଯେ, ବାର ମାସରେ ଅନୁଷ୍ଠିତ ହୁଏ ତେର ଯାତ୍ରା। ପୁରାଣ ଏବଂ ଇତିହାସ ଅନୁସାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ସହ ସମ୍ପର୍କ ଅତି ନିବିଡ଼। ଭକ୍ତି ଓ ପରମ୍ପରାର ମହାଯାତ୍ରା ହେଉଛି ଚନ୍ଦନ ଯାତ୍ରା। ସମଗ୍ର ବିଶ୍ୱରେ ଯେପରି ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପ୍ରସିଦ୍ଧ, ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ମଧ୍ୟ ସେତିକି ବିଶ୍ୱପ୍ରସିଦ୍ଧ। ମହାପ୍ରଭୁଙ୍କ ଚନ୍ଦନ ଯାତ୍ରାକୁ ନେଇ ଭକ୍ତଙ୍କ ମଧ୍ୟରେ ବେଶ ଉତ୍ସାହ ରହିଥାଏ। ଏହାକୁ ମହାଆଡ଼ମ୍ବର ସହକାରେ ପାଳନ କରଯାଏ। ଏହା ଅକ୍ଷୟ ତୃତୀୟାଠାରୁ ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ପର୍ଯ୍ୟନ୍ତ ୨୧ ଦିନ ବ୍ୟାପି ନରେନ୍ଦ୍ର ପୁଷ୍କରିଣୀରେ ବାହାର ଚନ୍ଦନ ଯାତ୍ରା ରୂପରେ ଏବଂ ପରବର୍ତ୍ତୀ ୨୧ ଦିନ ବ୍ୟାପୀ

ଶ୍ରୀମନ୍ଦିରରେ ଭିତର ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥାଏ। ବିଶ୍ୱାସ କରାଯାଏ, ଗ୍ରୀଷ୍ମତାପରୁ ରକ୍ଷା ପାଇବା ପାଇଁ ମଣିଷ ଯେପରି ପାଣିରେ ଗାଧୋଇ ଟିକିଏ ଥଣ୍ଡା ଅନୁଭବ କରେ, ସେହିପରି ଶ୍ରୀଜିଉ ମଧ୍ୟ ଚାପ ଖେଳିବା ପାଇଁ ନରେନ୍ଦ୍ର ପୁଷ୍କରିଣୀକୁ ଆସିଥାନ୍ତି। ଏହି ସମୟରେ ସେବାୟତମାନେ ମଣି ବିମାନରେ ଶ୍ରୀମଦନମୋହନ, ଶ୍ରୀଭୂଦେବୀ ଓ ଶ୍ରୀଦେବୀଙ୍କୁ ନରେନ୍ଦ୍ର ପୁଷ୍କରିଣୀକୁ ଆଣିଥା'ନ୍ତି। ରାମକୃଷ୍ଣଙ୍କ ସହ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ମଧ୍ୟ ବିଜେ କରନ୍ତି। ପବିତ୍ର ଚନ୍ଦନ ଯାତ୍ରା ହେଉଛି ଶ୍ରୀମନ୍ଦିରରେ ସବୁଠୁ ଅଧିକ ଦିନ ଧରି ପାଳିତ ହେଉଥିବା ଏକ ମହାପର୍ବ। ପବିତ୍ର ଚନ୍ଦନ ପୂର୍ଣ୍ଣିମାରେ ଠାକୁରଙ୍କୁ ଚନ୍ଦନ ବୋଳାଯାଏ। ପରେ ଠାକୁରଙ୍କୁ ଡଙ୍ଗାରେ ଚାପ ଖେଳିବା ପାଇଁ ବିରାଜମାନ କରାଯାଇ ବେଢ଼ା ବୁଲାଯାଏ। ଏହି ସମୟରେ ଶଙ୍ଖ, କାହାଳୀ ଓ ହରିବୋଲ ହୁଳହୁଳିରେ ପରିବେଶ ଭକ୍ତିମୟ ହୋଇଉଠେ। ବିଭିନ୍ନ ଲୋକନାଟ୍ୟ, ନୃତ୍ୟ, ଯାତ୍ରା, ପାଲା ପ୍ରଭୃତି ପରିବେଷଣ କରାଯିବାର ପରମ୍ପରା ରହିଛି। ଚନ୍ଦନ ଯାତ୍ରା ପାଇଁ ନରେନ୍ଦ୍ର ପୁଷ୍କରିଣୀର ଚନ୍ଦନ ଚକଡ଼ା ଓ ମନ୍ଦିରକୁ ଆଲୋକମାଳାରେ ସଜାଇ ଦିଆଯାଇଥାଏ। ହଜାର ବର୍ଷ ତଳର ଏହି ଚନ୍ଦନ ଯାତ୍ରା ଏବେ ବି ରୀତିନୀତି ଅନୁଯାୟୀ ଚାଲୁଅଛି। ବୈଶାଖ ଶୁକ୍ଳ ତୃତୀୟାଠାରୁ ସ୍ନାନପୂର୍ଣ୍ଣିମା ପର୍ଯ୍ୟନ୍ତ ୪୨ଦିନ ଧରି ଚାଲୁଥିବା ଏହି ଯାତ୍ରା ଗନ୍ଧଯାତ୍ରା, ଜଳକେଳି ଓ ଅନ୍ତରଙ୍ଗ ଚନ୍ଦନଲାଗି; ଏହିପରି ତିନିଭାଗରେ ବିଭକ୍ତ ହୋଇ ବିଶ୍ୱ ପ୍ରସିଦ୍ଧ ଓଡ଼ିଶାର ଚନ୍ଦନ ଯାତ୍ରାର ମହତ୍ତ୍ୱକୁ ବଜାୟ ରଖିଛି। ପୌରାଣିକ ଅନୁସାରେ ସତ୍ୟ ଯୁଗରେ ନୃସିଂହ ଦେବ ଚନ୍ଦନ ଯାତ୍ରାର ଆୟୋଜନ କରିଥିଲେ। ସେହିଦିନଠାରୁ ଚନ୍ଦନ ଯାତ୍ରା ପ୍ରଚଳିତ ବୋଲି ଅନୁମାନ କରାଯାଏ। ଦ୍ୱାପର ଯୁଗରେ ପଞ୍ଚୁପାଣ୍ଡବ ଅଜ୍ଞାତବାସ ଥିବାବେଳେ ଏହି ବିଶ୍ୱପ୍ରସିଦ୍ଧ ଚନ୍ଦନ ଯାତ୍ରାର ଆରମ୍ଭ ହୋଇଥିଲା ବୋଲି ପୁରାଣରେ ଉଲ୍ଲେଖ କରାଯାଇଛି। ସେଇ ବିଧିବ୍ୟବସ୍ଥାକୁ ବଜାୟ ରଖି ବର୍ତ୍ତମାନ ସମୟରେ ଶ୍ରୀକ୍ଷେତ୍ରସ୍ଥ ନରେନ୍ଦ୍ର ପୁଷ୍କରିଣୀରେ ଥିବା ଚନ୍ଦନ କୁଣ୍ଡରେ ଠାକୁରମାନେ ୨୧ଦିନ ଧରି ବୁଡ଼ି ରହିଥାନ୍ତି। ସେବକମାନେ ମହାପ୍ରଭୁଙ୍କୁ ତାମ୍ବୁଳ ସେବନ କରାଇଥାଆନ୍ତି। ନରେନ୍ଦ୍ର ପୁଷ୍କରିଣୀରେ ନୌବିହାର ଶେଷ ହେବା ପରେ ବିଳମ୍ବିତ ରାତିରେ ମହାପ୍ରଭୁ ଶ୍ରୀମନ୍ଦିର ପ୍ରତ୍ୟାବର୍ତ୍ତନ କରିଥାନ୍ତି। ପଞ୍ଚୁ ପାଣ୍ଡବ ମଧ୍ୟ ସ୍ୱସ୍ଥାନକୁ ଗମନ କରିଥାଆନ୍ତି। ଏହି ଚନ୍ଦନ ଯାତ୍ରା ସମୟରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଚନ୍ଦନଲାଗି ତଥା ଆଳଟ ଲାଗି ନୀତି ଅନୁଷ୍ଠିତ ହୋଇଥାଏ। ନୀଳାଚଳ ଧାମ ଶ୍ରୀକ୍ଷେତ୍ର ପୁରୀରେ ଚନ୍ଦନଯାତ୍ରା କେବେ ଆରମ୍ଭ ହୋଇଥିଲା ଯଦିଓ ତାହାର ନିର୍ଦ୍ଦିଷ୍ଟ ପ୍ରମାଣ ନାହିଁ, ତଥାପି କବିରାଜ ଜୟଦେବଙ୍କ ଗୀତଗୋବିନ୍ଦ କାବ୍ୟ ରଚନା କାଳଠାରୁ ଏହି ବିଶ୍ୱପ୍ରସିଦ୍ଧ ଚନ୍ଦନଯାତ୍ରା ଆରମ୍ଭ ହୋଇଥିବାର ଅନୁମାନ କରଯାଏ। ଶ୍ରୀମଦ୍ଭାଗବତ ଗୀତା ଏବଂ ଗୀତଗୋବିନ୍ଦର ବର୍ଣ୍ଣନା ଅନୁସାରେ ଶ୍ରୀରାଧାକୃଷ୍ଣଙ୍କ ରାସଲୀଳା ଓ ଜଳକେଳୀ ଲୀଳା ହେଉଛି ଚନ୍ଦନଯାତ୍ରାର ମୂଳ କାରଣ। ଐତିହାସିକ ତଥ୍ୟରୁ ଜଣାଯାଏ, ଗଙ୍ଗବଂଶର ରାଜାମାନଙ୍କ ସମୟରୁ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ରାଜା ଦ୍ୱିତୀୟ ନରସିଂହଦେବଙ୍କ ଶାସନ ସମୟରେ ନରେନ୍ଦ୍ର ମହାପାତ୍ର ନରେନ୍ଦ୍ର ପୁଷ୍କରଣୀ ଖୋଳିଥିଲେ। ରାଜା ଚୋଡ଼ଗଙ୍ଗଦେବ ଜଗନ୍ନାଥ ବଲ୍ଲଭ ବେଣ୍ଟ ପୋଖରୀରେ ଠାକୁରଙ୍କର ନୌକାବିହାର କରାଉଥିଲେ। କୁହାଯାଏ ଗଜପତି କପିଳେନ୍ଦ୍ରଦେବଙ୍କ ଭାଇ ନରେନ୍ଦ୍ର ଦେବ ନିଜର ଚଉଦ ପୁଅଙ୍କ

ସହିତ ଯୁଦ୍ଧରେ ପ୍ରାଣବଳି ଦେଇଥିବାରୁ ସେମାନଙ୍କ ସ୍ମୃତି ରୂପରେ ନରେନ୍ଦ୍ର ସରୋବର ଖନନ ହୋଇଥିଲା। ପରେ ଏହିଠାରେ ଚନ୍ଦନ ଯାତ୍ରା ଆରମ୍ଭ ହୋଇଥିଲା ବୋଲି ପୂର୍ବାନୁମାନ କରାଯାଏ। ତ୍ରୟୋଦଶ ଶତାବ୍ଦୀରୁ ପବିତ୍ର ଚନ୍ଦନ ଯାତ୍ରା ସୃଷ୍ଟି ହୋଇଥିବାର ମଧ୍ୟ ଅନୁମାନ କରାଯାଏ। ରାଜା ଗଜପତି କପିଳେନ୍ଦ୍ର ଦେବଙ୍କ ଭାଇ ନରେନ୍ଦ୍ର ଦେବଙ୍କ ଦ୍ୱାରା ନରେନ୍ଦ୍ର ସରୋବର ଖନନ ହେବାପରେ ପରବର୍ତ୍ତୀ ସମୟଠାରୁ ଆଜିପର୍ଯ୍ୟନ୍ତ ଏହି ନରେନ୍ଦ୍ର ସରୋବରରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଆସୁଅଛି। କେବଳ ନୀଳାଚଳ ଧାମ ଶ୍ରୀକ୍ଷେତ୍ର ପୁରୀରେ ନୁହେଁ, ସମଗ୍ର ଓଡ଼ିଶାର ଥିବା ଅନ୍ୟାନ୍ୟ ବୈଷ୍ଣବ ପୀଠ, ବିଶେଷ କରି ରାଜା ମହାରାଜା ଓ ଜମିଦାରମାନଙ୍କ ଗଡ଼ରେ ଥିବା ପୋଖରୀରେ ମଧ୍ୟ ପବିତ୍ର ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବାର ବିଧି ରହିଛି।

**ବାଲେଶ୍ୱର, ମୋ-୯୩୩୭୪୦୪୨୫୪**

# ସମ୍ବାଦପତ୍ର, ସାମ୍ବାଦିକ ଓ ମହାତ୍ମା



ଅକ୍ଷୟ କୁମାର ରାଉତ

ସମ୍ବାଦପତ୍ର ଆଧୁନିକ ସଭ୍ୟତାର ଏକ ପ୍ରଧାନ ଅଙ୍ଗ, ପ୍ରତିଦିନ ପୃଥିବୀର ବିଭିନ୍ନ ସ୍ଥାନରେ ନାନା ଘଟଣା ଘଟୁଛି। ସେ ବନ୍ୟା କି ମରୁଡ଼ି, ଯୁଦ୍ଧ କି ଶାନ୍ତି, ବିଜ୍ଞାନ କି ଦର୍ଶନ, ଦୁଃଖ କି ସୁଖ, ଗଣତନ୍ତ୍ର କି ରାଜତନ୍ତ୍ର, ସାମ୍ୟବାଦ କି ପୁଞ୍ଜିବାଦ, ଏକଛତ୍ରବାଦ କି ସାମରିକ ଶାସନ, ରାଜନୈତିକ ପତନ କି ଉଥାନ ଏ ସବୁ ବିବରଣୀ ଲୋକମାନଙ୍କ ପାଖରେ ପହଁଚାଇବାର କାର୍ଯ୍ୟ ସାମ୍ବାଦିକମାନେ ସମ୍ବାଦପତ୍ର, ବେତାର ଓ ଦୂରଦର୍ଶନ ମାଧ୍ୟମରେ ପ୍ରକାଶ କରିଥାଆନ୍ତି। ଭାରତବର୍ଷ ଓ ଅନ୍ୟାନ୍ୟ ପ୍ରାଚ୍ୟ ଦେଶଗୁଡିକଠାରୁ ପାଶ୍ଚାତ୍ୟ ଦେଶରେ ସମ୍ବାଦପତ୍ର ପାଠକଙ୍କ ସଂଖ୍ୟା ବହୁତ ବେଶୀ।

ସମ୍ବାଦ ବା ଖବରକୁ ନ୍ୟୁଜ୍ କୁହାଯାଏ। ଏହି ଶବ୍ଦର ଅକ୍ଷରଗୁଡିକୁ ଲକ୍ଷ୍ୟକଲେ ଚାରି ଦିଗର ସଙ୍କେତ ବୁଝାପଡେ। 'N' ଅକ୍ଷରଟି North ବା ଉତ୍ତର ଦିଗ, 'E' ଅକ୍ଷରଟି East ବା ପୂର୍ବ ଦିଗର ପ୍ରତୀକ, 'W' ବର୍ଣ୍ଣଟି ପଶ୍ଚିମ ଦିଗ ବା West ବୁଝାପଡେ। ସେହିପରି ଦକ୍ଷିଣ ଦିଗ ସ୍ଥାନରେ S ବା South କୁ ବୁଝାଯାଏ। ଏଥିରୁ ସ୍ପଷ୍ଟ ଅନୁମେୟ ଚାରିଦିଗର କଥା ସମ୍ବାଦପତ୍ର ମାଧ୍ୟମରେ 'ଖବର' ରୂପେ ପ୍ରକାଶ ପାଏ।

ଆଧୁନିକ ଯୁଗରେ ସମ୍ବାଦପତ୍ର ପାଠ କରିବା ବହୁ ବ୍ୟକ୍ତିଙ୍କର ଅଭ୍ୟାସରେ ପରିଣତ ହୋଇପଡିଛି। ଚା, ପାନ ପରି ସମ୍ବାଦପତ୍ର ପଢ଼ିବା ଏକ ନିଶାରେ ପରିଣତ ହୋଇଅଛି। ନିଶା ଦ୍ରବ୍ୟ ସେବନ କ୍ଷତିକାରକ କିନ୍ତୁ ସମ୍ବାଦପତ୍ର ପାଠ ଲୋକମାନଙ୍କର ହିତ ସାଧନ କରେ। କୃଷକମାନେ କୃଷି ସମ୍ବନ୍ଧରେ ଓ କ୍ରୀଡାପ୍ରେମୀମାନେ କ୍ରୀଡା ବିଷୟରେ ଆବଶ୍ୟକ ବିବରଣୀ ପାଇପାରନ୍ତି। ଛାତ୍ରମାନେ ଜ୍ଞାନ ଆହରଣ କରିବା ସଙ୍ଗେସଙ୍ଗେ ପରୀକ୍ଷା ସମ୍ପର୍କରେ ବିଭିନ୍ନ କଥା ଅବଗତ ହୋଇଥାଆନ୍ତି। ପାଠକ ପାଠିକା ସାହିତ୍ୟ ପ୍ରେମୀମାନେ ଗଳ୍ପ, କବିତା, ପ୍ରବନ୍ଧ ଆଲୋଚନା ଆଦି ପାଠ କରିବା ଓ ଜାଣିବାର ସୁଯୋଗ ପାଇଥାଆନ୍ତି। ସମସ୍ତ ଜୀବଜଗତର ସୁରକ୍ଷା ଓ ସ୍ୱାଧୀନତାର ରକ୍ଷା ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଉପରେ ପଡିଥାଏ। ରାଜତନ୍ତ୍ରର ରାଜା ଓ ଗଣତନ୍ତ୍ରର ଲୋକ ପ୍ରତିନିଧିମାନଙ୍କର କାର୍ଯ୍ୟକଳାପ ଉପରେ ସାମ୍ବାଦିକମାନେ ନଜର ରଖିଥାଆନ୍ତି। ଶାସନ କର୍ତ୍ତୃପକ୍ଷ, ରାଜନୀତିଜ୍ଞ ଓ ସର୍ବସାଧାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଗଣ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସମ୍ବାଦପତ୍ର ଓ ସାମ୍ବାଦିକମାନେ ଦେଇଥିବା ଜନମତ ଦ୍ୱାରା ନିଜ ନିଜର ତ୍ରୁଟି ବୁଝି ପାରି ନିଜେ ନିଜକୁ ସଂଶୋଧିତ କରିଥାଆନ୍ତି। କିନ୍ତୁ ଅସଲ କଥାଟି ହେଉଛି ସାମ୍ବାଦିକ ଗଣମାଧ୍ୟମର ଅଂଶ ସିନା, ଏହାର ମାଲିକାନା ଅନ୍ୟ କାହା ପାଖରେ ଥାଏ। କିଛି ସାମ୍ବାଦିକ ଦରମା ପାଇଥାଆନ୍ତି ତ ଆଉ କିଛି ମାଗଣା ଖଟନ୍ତି। ସକାଳ ସମୟରେ ବିତରକ ତ ସନ୍ଧ୍ୟାରେ ସାମ୍ବାଦିକ। ସକାଳ ଚାକିରି ସଞ୍ଜକୁ ନାହିଁ। ସାମ୍ବାଦିକତା ମାଲିକାନାର ଏକ ସଖୀ କଣ୍ଢେଇ ପାଲଟିଥାଏ। ଏଇତ ଆମର ବିଡମ୍ବନା ଚତୁର୍ଥ ସ୍ତମ୍ଭ ନିମ୍ନଗାମୀ କିନ୍ତୁ ଅନ୍ୟ ତିନୋଟି ସ୍ତମ୍ଭ ଯଥା - ବିଧାନ ପାଳିକା, କାର୍ଯ୍ୟ ପାଳିକା, ନ୍ୟାୟ ପାଳିକା ବିଳାସବ୍ୟସନରେ ବିମଣ୍ଡିତ ହୋଇଥାଏ। ସାମ୍ବାଦିକଟି ଶୋଷିତ ହୁଏ, ତାର ଆକୁଳତାକୁ କେହି ବୁଝନ୍ତିନି। କେଉଁଠି ଦାରିଦ୍ର୍ୟର କଷାଘାତରେ ପେଷି ହୋଇ ରୋଗ, ଶୋକ ଓ ମୃତ୍ୟୁକୁ ଆଦରି ନିଏ। ସବୁ ଶାସନତନ୍ତ୍ରରେ ଅସହାୟା ଦ୍ରୌପଦୀକୁ ଯନ୍ତ୍ରଣା ଦେଇ ପାଶବିକ କ୍ଷୁଧା ମେଣ୍ଟାନ୍ତି ଦୁର୍ଯ୍ୟୋଧନମାନେ, କେଉଁଠି ସାଧାରଣ ଜନତା ଛଳନାର ଶିକାର ହୁଏ ମୃତ୍ୟୁକୁ ସାମ୍ନା କରେ ଜଉଘରେ। କେଉଁଠି ପିଲା ବିକ୍ରି ତ କେଉଁଠି ମାଦକଦ୍ରବ୍ୟ ସାଙ୍ଗରେ ରାଜନୈତିକ ହିଂସା, ଏସବୁର ଦରଦୀ ବନ୍ଧୁଟିଏ ହେଉଛି ଗଣମାଧ୍ୟମ। ଯିଏ ଅହରହ ଜନତାଙ୍କ ପାଖରେ ରହି ଗଣତନ୍ତ୍ରର ମୂଲ୍ୟବୋଧକୁ ବଞ୍ଚାଇବାକୁ ଚେଷ୍ଟାକରେ, ଯାହାର ମସୀ ଅସୀ ଠାରୁ ବଳିୟାନ ହୋଇଉଠେ ସେ ସାମ୍ବାଦିକ ହେଉଛି ସମାଜ ଓ ଜୀବଜଗତର ଜାଗ୍ରତ ପ୍ରହରୀ।

ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ଉତ୍ତର ଦାୟିତ୍ୱ ସବୁଠାରୁ ବେଶୀ। ବର୍ତ୍ତମାନ ଯୁଗରେ ସମ୍ବାଦ ଓ ସାମ୍ବାଦିକତାର ଗୁରୁତ୍ୱ ଯଥେଷ୍ଟ। ସମୟ ଥିଲା ପ୍ରସ୍ତର ଯୁଗରେ ମନୁଷ୍ୟ ତାର ଲିପି ପଥର ଉପରେ ଖୋଦିତ କରୁଥିଲା, କ୍ରମେ ତାଳପତ୍ର ଓ ଭୂଜପତ୍ରରେ ସାହିତ୍ୟ ଓ ସଂସ୍କୃତି ସଂରକ୍ଷଣର ଏକମାତ୍ର ମାଧ୍ୟମ ପାଲଟିଥିଲା। ମୁଦ୍ରଣ ଯନ୍ତ୍ରର ପରିକଳ୍ପନା ପରେ ଭାରତବର୍ଷରେ ଛାପା କାର୍ଯ୍ୟ ଆରମ୍ଭ ହେଲା। ପ୍ରଥମ ସମ୍ବାଦପତ୍ର ଭାବେ ୧୭୮୦ ଖ୍ରୀ.ଅ.ରେ 'ଦି ବେଙ୍ଗଲ ଗେଜେଟ' ପ୍ରକାଶ ପାଇଲା। ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅୟଆରମ୍ଭରେ ସମ୍ବାଦପତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ୧୯୧୯ରୁ ୧୯୪୭ ମଧ୍ୟବର୍ତ୍ତୀ ସମୟରେ ଭାରତୀୟ ସମ୍ବାଦପତ୍ର ମହାତ୍ମା ଗାନ୍ଧିଙ୍କ ଲେଖନି ଦ୍ୱାରା ସମୃଦ୍ଧ ହୋଇ ସମାଜରେ ଏକ ପରିବର୍ତ୍ତନ ଆଣିଦେଲା। ଗାନ୍ଧିଙ୍କ ଦ୍ୱାରା ଲୋକମାନେ ପ୍ରଭାବିତ ହେଲେ ଫଳରେ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଘଟିଲା। ଗାନ୍ଧୀଜୀ ପାଞ୍ଚଟି ସମ୍ବାଦପତ୍ର ବା ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଥିଲେ। ପରୋକ୍ଷ ଭାବରେ ଗାନ୍ଧୀଜୀ ଅଧିକାଂଶ ଭାରତୀୟ ସମ୍ବାଦପତ୍ର ସହ ଜଡିତ ଥିଲେ। 'ଇଣ୍ଡିଆନ୍ ଓପିନିୟନ' ଖବରକାଗଜ ଓ 'ୟଙ୍ଗ୍ ଇଣ୍ଡିଆ' ଏବଂ ନବଜୀବନ ପତ୍ରିକାର ପରିଚାଳନାର ଭାର ଗ୍ରହଣ କଲାପରେ ଗାନ୍ଧୀଜୀ ଲୋକମାନଙ୍କୁ ସତ୍ୟାଗ୍ରହ ବିଷୟରେ ଶିକ୍ଷା ଦେଲେ। ୟଙ୍ଗ ଇଣ୍ଡିଆରେ ପ୍ରକାଶିତ କେତୋଟି ପ୍ରବନ୍ଧ ସରକାର ବିରୋଧୀ ଥିବାରୁ ଗାନ୍ଧୀଜୀଙ୍କୁ ୬ ବର୍ଷ ଜେଲ୍ ଯିବାକୁ ପଡିଥିଲା। ଗାନ୍ଧୀଙ୍କର ଲେଖା ପ୍ରକାଶ କରିବା ପାଇଁ ବିଦେଶୀ ଓ ଦେଶୀୟ ସମ୍ବାଦପତ୍ର ଗୁଡିକ ମଧ୍ୟରେ ପ୍ରତିଯୋଗିତା ଲାଗୁଥିଲା। ଗାନ୍ଧୀଜୀ ସର୍ବଦା କହୁଥିଲେ ସମ୍ବାଦପତ୍ର ଗୁଡିକ ସର୍ବଦା ନିର୍ଭୀକ ଓ ସତ୍ୟ ସମ୍ବାଦ ପରିବେଷଣ କରିବା ଉଚିତ୍। ୧୯୩୨ରେ ସେ ଜେଲ୍‌ରେ ଥିବା ସମୟରେ 'ହରିଜନ' ପତ୍ରିକାର ଆରମ୍ଭ କରିଥିଲେ। ଦଳିତମାନଙ୍କର ଅଧିକାର ଓ ସାମାଜିକ ସଂସ୍କାର ପାଇଁ ଏହି 'ହରିଜନ' ପତ୍ରିକାକୁ ଆୟୁଦ୍ଧ ରୂପେ ବ୍ୟବହାର କରିଥିଲେ। ଗାନ୍ଧୀଜୀ ଯେଉଁ ନିତୀ ନିୟମରେ ସାମ୍ବାଦିକତା ଓ ସମ୍ପାଦନା କରୁଥିଲେ ତାହା ବର୍ତ୍ତମାନ ଯୁଗରେ ସମ୍ଭବ ନୁହେଁ। ସମ୍ବାଦପତ୍ର ଏକ ମଙ୍ଗଳକାରୀ ଶକ୍ତି। ତାହା ସର୍ବଦା ଜୀବଜଗତର ହିତ ପାଇଁ। ଯଦି ସମ୍ବାଦପତ୍ର ଅଯୋଗ୍ୟ ହାତରେ ନିୟନ୍ତ୍ରିତ ହୁଏ, ତାହା ସମାଜର କ୍ଷତିସାଧନ କରେ।

ଓଡିଆ ଭାଷାର ପ୍ରଥମ ପତ୍ରିକା 'ଜ୍ଞାନରୁଣ' ତାପରେ 'ସରକାରୀ ଗେଜେଟ୍'। ୧୮୫୬ରେ ପ୍ରକାଶ ପାଇଲା ପ୍ରବୋଧ ଚନ୍ଦ୍ରିକା। ତାହା ପ୍ରକୃତରେ ଥିଲା ଓଡିଆ ଭାଷାର ପ୍ରଥମ ସାହିତ୍ୟ ପତ୍ରିକା। ୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷ ସମୟରେ ଜନ୍ମ ନେଲା ସ୍ୱଦେଶୀ ପତ୍ରିକା 'ଉତ୍କଳ ଦୀପିକା'। ଯାହାର ପ୍ରତିଷ୍ଠାତା ସଂପାଦକ ଥିଲେ କର୍ମବୀର ଗୌରୀଶଙ୍କର ରାୟ। ଏହି ଠାରୁ ଆରମ୍ଭ ହେଲା ଓଡିଆ ଭାଷା ସାହିତ୍ୟ ସଂସ୍କୃତିର ଅଗ୍ରଗତି ପାଇଁ ପ୍ରାଥମିକ ଉଦ୍ୟମ। ବଙ୍ଗଳା ଭାଷାର ପ୍ରାବଲ୍ୟ ଯୋଗୁ ଆରମ୍ଭ ହୋଇଗଲା ଓଡିଆ ଭାଷାକୁ ସଂପୂର୍ଣ୍ଣ ବିଲୋପ କରିଦେବାର ଜଘନ୍ୟ ଷଡଯନ୍ତ୍ର। ଏହି ସମୟରେ ଫକୀର ମୋହନଙ୍କ 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବାଦ ବାହିକା'। ଓଡିଆ ଭାଷାର ସୁରକ୍ଷା ପାଇଁ ଏହି ପତ୍ରିକା ଥିଲା ଆଲୋକ ବର୍ତ୍ତିକା।

ସମ୍ବାଦପତ୍ର ହେଉଛି ଦେଶ ଓ ସମାଜ ଗଢ଼ିବାର ଏକ ଦୁର୍ବାର ଅମୋଘ ଅସ୍ତ୍ର। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ତାର ଯଥାର୍ଥ ଉପଯୋଗିତାକୁ ବିନିଯୋଗ କଲେ ଦେଶ, ଜାତି ଓ ବିଶ୍ୱର ସମାଜ କଲ୍ୟାଣ ସାଧିତ ହେବ। ସୁସ୍ଥ ସମାଜ ତଥା ଉନ୍ନତ ରାଷ୍ଟ୍ର ଗଠନରେ ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଭୂମିକା ଯେ ସ୍ୱତନ୍ତ୍ର ଏହା ସ୍ୱୀକାର୍ଯ୍ୟ।

**ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର**
**୯୯୩୭୬୯୧୪୭୫**

# ସମସ୍ୟା ଅନେକ : ବିଶ୍ୱ ଶ୍ରମିକ ଦିବସ

ଅଲେଖ ଚନ୍ଦ୍ର ସାମଲ

ଆଜି ବିଶ୍ୱ ଶ୍ରମ ଦିବସ। ଶ୍ରମଶକ୍ତିକୁ ନେଇ ଏବଂ ଶ୍ରମିକଙ୍କ କଲ୍ୟାଣ ପାଇଁ ଏହି ଦିବସରେ ଅନେକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। କିନ୍ତୁ ବାସ୍ତବ କଥା ସମ୍ପୂର୍ଣ୍ଣ ଭିନ୍ନ। ଏବେ ବି ସମାଜର ସବୁଠୁ ଅବହେଳିତ ବର୍ଗ ଭାବେ ଏ ଶ୍ରମିକମାନେ ପରିଚିତ। ଏବେ ବି ସେମାନେ ଶୋଷିତ ଓ ନିର୍ଯ୍ୟାତିତ ହେଉଛନ୍ତି। ଅନେକ ଘଟଣା ଲୋକଲୋଚନକୁ ଆସେ ଆଉ କିଛି ଘଟଣା ମଧ୍ୟ ଅଭିଯୋଗ ଭିତରେ ହିଁ ଚାପି ହୋଇଯାଏ। ଶ୍ରମିକ ଯେଉଁମାନେ ନିର୍ମାଣ କରିଥାନ୍ତି ବିଶ୍ୱକୁ। ରାତି ଦିନ ଏକ କରି ମୁଣ୍ଡଝାଳ ତୁଣ୍ଡରେ ମାରି ଅକ୍ଳାନ୍ତ ପରିଶ୍ରମ କରିଥାନ୍ତି। ଖରା, ବର୍ଷା, ଶୀତ ହେଉ ଅବା କାକର କାହାର ବି ପ୍ରଭାବ କାଟୁ କରି ନଥାଏ ଏମାନଙ୍କୁ। ସମାଜର ତଳସ୍ତରରେ ରହି ସମାଜ ଗଠନରେ ଏକ ଗୁରୁ ଦାୟିତ୍ୱ ନେଇଥାନ୍ତି ଏହି ଶ୍ରମିକମାନେ। ଶ୍ରମିକମାନେ ହେଲେ ଆଧୁନିକ ଯୁଗର ବିଶ୍ୱକର୍ମା। ଏମାନଙ୍କ ବିନା ସୃଷ୍ଟିର କଳନା କରିବା ବୃଥା। ହେଲେ ଦୁନିଆକୁ ଗଢୁଥିବା ଏହି ଶ୍ରମିକର ମୁଣ୍ଡ ଗୁଞ୍ଜିବାକୁ ବି ନଥାଏ ନିଜସ୍ୱ ଏକ ଘର। ୧୮୮୬ ମସିହାରେ ପ୍ରଥମେ ଶ୍ରମିକଙ୍କ କାର୍ଯ୍ୟ ସମୟ ୧୨ରୁ ୧୬ ଘଣ୍ଟା ପରିବର୍ତ୍ତେ ଆଠ ଘଣ୍ଟାକୁ କମାଇବା ନେଇ ଶ୍ରମିକ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଏହା ପରଠାରୁ ଶ୍ରମ ଆଇନ ଗଠନ କରାଯାଇ ଶ୍ରମିକମାନେ ଆଠଘଣ୍ଟା କାର୍ଯ୍ୟ, ଆଠଘଣ୍ଟା ବିଶ୍ରାମ ଓ ଆଠ ଘଣ୍ଟା ମନୋରଞ୍ଜନ କରିବେ ବୋଲି ଘୋଷଣା କରାଯାଇଥିଲା। ତେବେ ଆଜିର ନବ ଉଦାରବାଦୀ ଅର୍ଥନୀତି ଭିତରେ ଶ୍ରମ ଆଇନରେ ପରିବର୍ତ୍ତନ ଦେଖାଦେଇଛି।

ନୂଆ ନୂଆ ବିଦେଶୀ କମ୍ପାନୀଙ୍କ ପ୍ରବେଶ ପରେ ସେଠାରେ ଶ୍ରମିକମାନଙ୍କୁ ଆଠଘଣ୍ଟା ପରିବର୍ତ୍ତେ ୧୨ଘଣ୍ଟାରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ପରିଶ୍ରମ କରିବାକୁ ବାଧ କରାଯାଉଛି। କିନ୍ତୁ ସେମାନଙ୍କ ସୁରକ୍ଷା ଓ ସ୍ୱାର୍ଥରକ୍ଷା ପ୍ରତି କିଛି ବି ପଦକ୍ଷେପ ନିଆଯାଉନାହିଁ। ଶ୍ରମିକମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ଜୋତା, ଗ୍ଲୋବସ୍ ଓ ହେଲମେଟ୍ ଯୋଗାଇ ଦେବାକୁ ଘୋଷଣା କରିଥିଲେ। ସେସବୁ ଶତ ପ୍ରତିଶତ କାର୍ଯ୍ୟକାରୀ ହୋଇନାହିଁ। ରାଜ୍ୟ ବର୍ତ୍ତମାନ ପାଖାପାଖି ୬ ଲକ୍ଷ ନିର୍ମାଣ ଶ୍ରମିକ ପଞ୍ଜିକୃତ ହୋଇଛନ୍ତି। କେବଳ ମାଟି ଖୋଳୁଥିବା ଓ ଘର କରୁଥିବା ଲୋକେ ଶ୍ରମିକ ନୁହନ୍ତି, ଏମିତିକି ଚାକିରୀ କ୍ଷେତ୍ରରେ ମଧ୍ୟ କାର୍ଯ୍ୟରତ ସମସ୍ତ କର୍ମଚାରୀ ଯେଉଁମାନଙ୍କର କି ନିରାପତ୍ତା ନାହିଁ ସେମାନେ ଜଣେ ଜଣେ ଶ୍ରମିକ। ଏ ସଭିଁଏ ହେଉଛନ୍ତି ଅଣସଂଗଠିତ ଶ୍ରମିକ। ଭାରତ ବର୍ଷରେ ଥିବା ଶ୍ରମିକମାନଙ୍କ ମଧ୍ୟରେ ୯୩ ପ୍ରତିଶତ ହେଉଛନ୍ତି ଏହି ଅଣସଂଗଠିତ ଶ୍ରମିକ ଶ୍ରେଣୀର। କିନ୍ତୁ ଏମାନଙ୍କୁ ଆଜି ପର୍ଯ୍ୟନ୍ତ ଶ୍ରମ ନିୟମର ଅନ୍ତର୍ଭୁକ୍ତ କରାଯାଇନାହିଁ। ରାଜ୍ୟରେ କାର୍ଯ୍ୟରତ ସମସ୍ତ ଶ୍ରମିକଙ୍କୁ ପଞ୍ଜିକୃତ କରାଇ ସେମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ସରକାରୀସ୍ତରରେ ଯୋଜନାମାନ କରାଯାଇଛି। ନିର୍ମାଣ ଶ୍ରମିକଙ୍କୁ ଭତ୍ତା, ପେନ୍‌ସନ, ଘର ନିର୍ମାଣ ପାଇଁ ଏକ ଲକ୍ଷ ଟଙ୍କା, ଦୁର୍ଘଟଣାଜନିତ ମୃତ୍ୟୁ ସହାୟତା ରାଶି ୨ ଲକ୍ଷ ଟଙ୍କା ଯୋଗାଇ ଦିଆଯାଉଛି।

ହେଲେ କେତେକ ସ୍ଥଳରେ ପ୍ରକୃତ ହିତାଧିକାରୀ ଏସବୁ ସୁବିଧାରୁ ବଞ୍ଚିତ ହେଉଛନ୍ତି। ପ୍ରତିବର୍ଷ ଏପରି ଶ୍ରମିକ ଦିବସ ପାଳନ ଚାଲିଥିବାବେଳେ ଦାଦନ ସମସ୍ୟା ସୁଧାରିବାକୁ ନେତାଏ ଭୁଲି ଯାଉଛନ୍ତି। ରାଜ୍ୟ ବାହାରକୁ କେତେ ଶ୍ରମିକ ଦାଦନ ଖଟିବାକୁ ଯାଉଛନ୍ତି ତାହା ଆଜି ପର୍ଯ୍ୟନ୍ତ ପଞ୍ଜିକୃତ କରାଯାଇନାହିଁ। ଗୋଟିଏ ପଟେ ଶ୍ରମିକ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଖୁସି ମନାଯାଉଥିବା ବେଳେ ଅପର ପକ୍ଷରେ ଦାଦନ ଖଟି ଅଙ୍ଗ ହରାଉଛି ଶ୍ରମିକ। ଆଉ ଏକ ଘଟଣା ପରେ ପିଡ଼ିତଙ୍କୁ ସହାୟତା ରାଶି ଧରେଇ ଦେଇ ଘଟଣାକୁ ଚାପି ଦିଆଯାଉଛି। କିନ୍ତୁ ଏହି ଘଟଣାର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ପାଇଁ ସରକାରୀସସ୍ତରରେ ଇଚ୍ଛାଶକ୍ତିର ଯେ ଅଭାବ ରହୁଛି, ତାହା ବର୍ତ୍ତମାନର ଶ୍ରମିକ ସମସ୍ୟା ସ୍ପଷ୍ଟ ସୂଚିତ କରୁଛି।

**ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩**
**E-mail : alekha007samal@gmail.com**

### ନାବାଳିକାକୁ ଜୋରଜବରଦସ୍ତି ବିବାହ ଉଦ୍ୟମ

# ବାପା ଓ ପ୍ରସ୍ତାବିତ ବରକୁ ଉଠାଇନେଲା ପୋଲିସ



**ବାଲେଶ୍ୱର,୨୪।୫ :** ବାଲେଶ୍ୱର ଜିଲ୍ଲା ସଦର ଥାନା ଅନ୍ତର୍ଗତ କଞ୍ଚନିବାଗ ଅଞ୍ଚଳରେ ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଜୋରଜବରଦସ୍ତି ବିବାହ କରାଇବା ଉଦ୍ୟମକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି। ଘଟଣା ସମ୍ପର୍କରେ ଖବର ପାଇ ସଦର ଥାନା ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ତାଙ୍କ ବାପା ଓ ପ୍ରସ୍ତାବିତ ବରକୁ ଥାନାକୁ ନେଇ ପଚରାଉଚରା ଆରମ୍ଭ କରିଛି ।ସୂଚନା ଅନୁଯାୟୀ, କଞ୍ଚନିବାଗ ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ତାଙ୍କ ପରିବାର ପକ୍ଷରୁ ଜୋରଜବରଦସ୍ତି ବିବାହ କରାଇବା ପାଇଁ ଚେଷ୍ଟା ଚାଲିଥିଲା। ମାତ୍ର ନାବାଳିକା ଏହି ବିବାହ ପାଇଁ ସଂପୂର୍ଣ୍ଣ ଅରାଜି ଥିବା ସତ୍ତ୍ୱେ ତାଙ୍କୁ ବାଧ କରାଯାଉଥିବା ଅଭିଯୋଗ ହୋଇଛି ।ଅଭିଯୋଗ ଅନୁସାରେ, ବିବାହ ପ୍ରସ୍ତାବ ନେଇ ଆସିଥିବା ଜିତେନ୍ଦ୍ର ବାରିକ ନାମକ ଯୁବକ ନାବାଳିକାଙ୍କୁ ମାଡ଼ ମାରିବା ସହ ବେକ ଚିପି ଜୋରକରି ରାଜି କରାଇବାକୁ ଚେଷ୍ଟା କରିଥିଲେ। ଏଥିରେ ନାବାଳିକାଙ୍କ ମାତାପିତା ମଧ ସହଯୋଗ କରୁଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଗ୍ରାମବାସୀ ଓ ମହିଳାମାନେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ପରେ ସେମାନେ ଯୁବକଙ୍କୁ ଅଟକ ରଖି ସଦର ଥାନା ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ତୁରନ୍ତ ଗାଁରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିବା ସହ ତାଙ୍କ ବାପା ଲକ୍ଷ୍ମୀଧର ମାଝି ଏବଂ ପ୍ରସ୍ତାବିତ ବର ଜିତେନ୍ଦ୍ର ବାରିକଙ୍କୁ ଥାନାକୁ ନେଇଛି। ତଦନ୍ତ ସମୟରେ ଗ୍ରାମବାସୀମାନେ ଆହୁରି ଅଭିଯୋଗ କରିଛନ୍ତି ଯେ, ଉକ୍ତ ଯୁବକ ଗତ ପାଞ୍ଚ ବର୍ଷ ଧରି ନାବାଳିକାଙ୍କ ଘରକୁ ଯାଉଥିଲେ ଏବଂ ଝିଅର ମାଆଙ୍କ ସହ ତାଙ୍କର ସମ୍ପର୍କ ଥିବା କଥା ଗାଁରେ ସମସ୍ତେ ଜାଣିଥିଲେ। ଏପରି ସ୍ଥିତିରେ ସେହି ଯୁବକଙ୍କ ସହ ନାବାଳିକାଙ୍କ ବିବାହ କରାଇବା ଉଦ୍ୟମକୁ ଗ୍ରାମବାସୀମାନେ ତୀବ୍ର ବିରୋଧ କରିଛନ୍ତି ।ସଦର ଥାନା ପୋଲିସ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି।

# 'ଓଡ଼ିଶାର ଅର୍ଥନୀତି ଓ ରାଜନୀତି ବ୍ୟବସ୍ଥାର ବିକଳ୍ପ ଆବଶ୍ୟକ'




**ବାଲେଶ୍ୱର,୨୪।୫ :** ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ରାଜ୍ୟର ଅର୍ଥନୈତିକ ବ୍ୟବସ୍ଥା ଓ ଶାସନ ପ୍ରକ୍ରିୟାରେ ଲୋକକେନ୍ଦ୍ରିକ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି "ବିକଳ୍ପ ସମାଜ" ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଚିନ୍ତନ କର୍ମଶାଳାରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ଭୁବନେଶ୍ୱରର ସପ୍ତସତୀ ବିହାର ସ୍ଥିତ ତରାଭି ଭବନ ସଭାଗୃହରେ ଅନୁଷ୍ଠିତ ଏହି କର୍ମଶାଳାରେ ବିକଳ୍ପ ସମାଜର ସଭାପତି ଅଭୟ ଦାସ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ଅର୍ଥନୀତିଜ୍ଞ ଓ ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, "ମଙ୍ଗଳ ଗ୍ରହରେ ଜୀବନ ଖୋଜିବାଠାରୁ ଜୀବନରେ ମଙ୍ଗଳ ଖୋଜିବା ଅଧିକ ଜରୁରୀ।" ସେ କହିଥିଲେ ଯେ ଦେଶର ୮୦ ପ୍ରତିଶତ ସାଧାରଣ ଲୋକ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ନିଯୁକ୍ତି ଓ ଆବଶ୍ୟକୀୟ ସୁବିଧା ପାଇବାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଅବ୍ୟବସ୍ଥା ଦେଶ ପାଇଁ ବଡ଼ କ୍ଷତି ସୃଷ୍ଟି କରୁଥିଲେ ମଧ ରାଜନେତା ଓ ପ୍ରଶାସନ ଏହାକୁ ବୁଝିବାକୁ ଇଚ୍ଛୁକ ନୁହନ୍ତି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ ।କର୍ମଶାଳାରେ ମନୋରଞ୍ଜନ ଦାସ, ଜୟ ନାରାୟଣ ମହାପାତ୍ର, ମାଧବାନନ୍ଦ ବେହେରା, ସୂର୍ଯ୍ୟ ନାରାୟଣ ମିଶ୍ର, ନିରାକାର ବେଉରା, ନିବେଦିତା ମହାନ୍ତି, କନକଲତା ଭଞ୍ଜ, କାହ୍ନୁ ଚରଣ ପାଣିଗ୍ରାହୀ, ସର୍ବେଶ୍ୱର ବ୍ରାଣ୍ଡ, ଦୁତି କୃଷ୍ଣ ନାୟକ, ଶ୍ରଦ୍ଧାଞ୍ଜଳି ରାୟ, ଡାକ୍ତର ଅକ୍ଷୟ କୁମାର ମିଶ୍ର, ଆଜ୍ଞନା ମହାନ୍ତି, ପ୍ରକାଶ ଚନ୍ଦ୍ର ବିଶ୍ୱାଳ, ବଳରାମ ରଣସିଂହ, ପ୍ରଦୀପ କୁମାର ଦାସ ମହାପାତ୍ର, ଉପେନ୍ଦ୍ର କୁମାର ଦାସ, ଧର୍ମୁଧର ପୋଢ, ଅମୀର ପ୍ରସାଦ ସାହୁ, ଆଶୁତୋଷ ଦାସ, ଶରତ ଜେନା, ଶ୍ରୀକାନ୍ତ ଦାଶ, ନିରୁପମା ରଥ, ବିଜୟ କୁମାର ଆଚାର୍ଯ୍ୟ, ସଂଜୟ କୁମାର ସାହୁ, ବରୋଜ କୁମାର ରାଉତ ଓ ପୁଲକ କୁମାର ପ୍ରମୁଖ ଯୋଗଦେଇ ସମାଜର ବିଭିନ୍ନ କ୍ଷେତ୍ରରେ ସୃଷ୍ଟି ହେଉଥିବା ସମସ୍ୟାର ବିକଳ୍ପ ଖୋଜିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସଭାରେ ବିକଳ୍ପ ସମାଜକୁ ରାଜ୍ୟର ୩୦ଟି ଜିଲ୍ଲାରେ ବିସ୍ତାର କରିବା ସହ ସାଧାରଣ ନାଗରିକ, ରାଜନେତା ଓ ପ୍ରଶାସକମାନଙ୍କୁ ସାମ୍ବିଧାନିକ ଅଧିକାର, କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପର୍କରେ ସଚେତନ କରାଯିବ ବୋଲି ସଭାପତି ଅଭୟ ଦାସ ଘୋଷଣା କରିଥିଲେ ।ଏଥିସହ ଓଡ଼ିଶାକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା, ଅର୍ଥନୀତି, ରାଜନୀତି, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଆତ୍ମନିଯୁକ୍ତି ଓ ପରିବେଶ ଭଳି କ୍ଷେତ୍ରରେ ଲୋକାଭିମୁଖୀ ବିକଳ୍ପ ଚିନ୍ତାଧାରାକୁ ଜନସାଧାରଣଙ୍କ ମଧ୍ୟରେ ପହଞ୍ଚାଇବା ପାଇଁ ଅଭିଯାନ ଆରମ୍ଭ ହୋଇଥିବା ବିକଳ୍ପ ସମାଜର ଚିନ୍ତାନାୟକମାନେ କହିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ସମାଜସେବୀ ଓ ଭଲ ଅନୁଷ୍ଠାନମାନଙ୍କୁ ଏକ ମଞ୍ଚରେ ଆଣିବାକୁ ମଧ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

# ବିଦ୍ୟୁତ ଆଘାତରେ ଜଣେ ମହିଳା ମୃତ



**ବଣାଇ,୨୪।୫:** ସୁନ୍ଦରଗଡ ଜିଲ୍ଲା ବଣାଇଁ ଥାନାର ଜଙ୍ଗଲା ଗ୍ରାମରେ ଗତକାଲି ରାତ୍ରୀରେ ଘରେ କେହିନଥିବା ଫ୍ୟାନ ତାର ପ୍ଲଗ ରେ ଲଗାଉଥିବା ବେଳେ ବିଦ୍ୟୁତ ଆଘାତ ମାରିଥିଲା ଯାହା ଫଳରେ ତଳେ ପଡି ଥିଲେ। ପରେ ଘର ପୋଡ଼ସି କୌଣସି କାମ ପାଇଁ ଆସିଥିବା ବେଳେ ଦେଖିଲେ ମହିଳା ତଳେ ପଡ଼ିଥିବା ଓ ହାତ ପଡିଯାଇଥିବା ଦେଖି ଆମ୍ବୁଲାନ୍ସ ଯୋଗେ ବଣାଇଁ ଡାକ୍ତର ଖାନା କୁ ଆଣିଥିଲେ କିନ୍ତୁ ଡାକ୍ତର ମୃତ ଘଷଣା କରିଥିଲେ। ମୃତକ ମହିଳା ହେଲେ ସୁରୁବାଲି ମୁଣ୍ଡା। ଏନେଇ ବଣାଇଁ ପୋଲିସ କୁ ଖବର ଦେବା ପରେ ତଦନ୍ତ ଚଳାଇଛି।

# ନୂଆଡିହି ଗ୍ରାମରେ ଝାଡାବାନ୍ତି ୨ମୃତ ୩୦ ଅଶୁସ୍ଥ



**ବଣାଇ,୨୪।୫:** ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକର ନୂଆଡିହିରେ ଝାଡ଼ାବାନ୍ତି। ଗାଁର ୩୦ ରୁ ଊର୍ଦ୍ଧ୍ୱ ଲୋକ ଏହି ରୋଗରେ ଆକ୍ରାନ୍ତ। ଗାଁର ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସେମାନଙ୍କ, ମୃତକଙ୍କ ପରିଚୟ ମିଳିପାରିନାହିଁ । ଏବେ ହେମଗିର ଡାକ୍ତରଖାନାରେ ୧୩ ଜଣ ଚିକିତ୍ସିତ ହେଉଥିବାବେଳେ ୪ ଜଣ ଗୁରୁତରଙ୍କୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।ଗାଁରେ ହେମଗିର ଡାକ୍ତରଖାନାର ଏକ ସ୍ୱାସ୍ଥ୍ୟଦଳ ଯାଇ ଡେରା ପକାଇଥିବାବେଳେ ଆଜି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଦଳ ଗାଁକୁ ଯାଉଥିବା ସୂଚନା ଦେଇଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁରେଶଚନ୍ଦ୍ର ମହାନ୍ତି। ଗାଁରେ ଏକ ଶୁଦ୍ଧିକ୍ରିୟା ଭୋଜି ଖାଇ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ପ୍ରାଥମିକ ଭାବେ ସୂଚନା ମିଳିଛି । ଗାଁର ସମସ୍ତ ଜଳ ଉତ୍ସକୁ ବିଶୋଧିତ କରାଯାଇଥିବା ବେଳେ ଗାଁକୁ କେହି ଆସିବା ଓ ଗାଁରୁ କେହି ଅନ୍ୟତ୍ର ଯିବା ଉପରେ ପ୍ରତିବନ୍ଧକ ଲଗାଯିବା ସହ ସତର୍କତା ଜାରି କରା ଯାଇଛି ।

# ୪ ହଜାରରୁ ଊର୍ଦ୍ଧ୍ୱ ପଥଚାରୀଙ୍କୁ ଥଣ୍ଡା ଘୋଳ ଦହି ବଣ୍ଟନ

**ବ୍ରହ୍ମପୁର,୨୪।୫:** ପ୍ରବଳ ଗ୍ରୀଷ୍ମ ପ୍ରବାହର ଆଶୁ ପ୍ରତିକାର ପାଇଁ ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ଗଞ୍ଜାମ ଜିଲ୍ଲା ଶାଖା ଆନୁକୂଲ୍ୟରେ ସଚେତନ କାର୍ଯ୍ୟକ୍ରମ ବ୍ରହ୍ମପୁର ମହାନଗର ର ଟାଟାବେଞ୍ଜ ଛକରେ ଆୟୋଜନ ସଭାପତି ଧିରେନ ମହାରଣା ଙ୍କ ସଂଯୋଜନା ଆୟୋଜିତ ହୋଇଥିଲା.ଏଥିରେ ପ୍ରାୟ ୪ ହଜାରରୁ ଊର୍ଧ୍ୱ ପଥଚାରୀଙ୍କୁ ଥଣ୍ଡା ଘୋଳ ଦହି ବଣ୍ଟନ କରାଯିବା ସହ Sunstroke ପ୍ରତିକାର ପାଇଁ ସଚେତନ ବାର୍ତ୍ତା ପ୍ରଚାର କରାଯାଇଥିଲା। ଏଥିରେ ସଭାପତି ଶ୍ରୀ ଧିରେନ ମହାରଣା, ରାଜ୍ୟ ଯୁଗ୍ମ ସମ୍ପାଦକ ପ୍ରମୋଦ ମହାରଣା, ଜିଲ୍ଲା ଉପଦେଷ୍ଟା ଶୁଭ୍ରାଂଶୁ ମହାରଣା, ସୁବାଷ ମହାରଣା, ଜିଲ୍ଲା କୋଷାଧକ୍ଷ ମହେଶ ଚନ୍ଦ୍ର ମହାରଣା, ଲକ୍ଷ୍ମୀ ନାରାୟଣ ମହାରଣା, ବିଶ୍ୱଦେବ , ପ୍ରଶାନ୍ତ ମହାରଣା, ରବୀନ୍ଦ୍ର ମହାରଣା, ଶ୍ରଦ୍ଧା Foundation ର ପ୍ରଣବ ପଣ୍ଡା,ଶ୍ରଦ୍ଧାଞ୍ଜଳୀ ପାଢ଼ୀ,ନିବେଦିତା ମହାରଣା,ନାରୀ ନେତ୍ରୀ ଶ୍ରୀମତୀ ମମତା ବିଷୋୟୀ, N. ଧନଞ୍ଜୟ ରାଓ, ବାଳକୃଷ୍ଣ ସାମନ୍ତରାୟ,ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ସୁରେଶ



ତ୍ରିପାଠୀ,ବିନୋଦ ଚୌଧୁରୀ,ମହାନ୍ତି ଟି ଷ୍ଟାଲ, ରବୀନ୍ଦ୍ର ପଟ୍ଟନାୟକ, ଏବଂ ଧିରେନ ପଟ୍ଟନାୟକଙ୍କ ସମେତ ଅଂଚଳର ବହୁ ବୁଦ୍ଧିଜୀବୀ, ଓକିଲ, ବ୍ୟବସାୟୀ ସଦ୍ୟ ପ୍ରସ୍ତୁତ ହୋଇଥିବା ଘୋଳ ଦହି ସହସ୍ରାଧିକ ଲୋକଙ୍କୁ ଦେବା ସହ ପ୍ରଚଣ୍ଡ Sunstroke ର ବିପଦ ସମ୍ବନ୍ଧରେ ସଚେତନ ଉଦେଶ୍ୟରେ ପ୍ରଚାର କରିଥିଲେ। ଟାଟାବେନଜ୍ ଛକ ଅଂଚଳ ବାସୀ କାର୍ଯ୍ୟକ୍ରମ ରେ ସହଯୋଗ କରିଥିବାରୁ ନିଖିଳ ଉତ୍କଳ ବିଶ୍ୱକର୍ମା ଗଞ୍ଜାମ ଜିଲ୍ଲା ସଭାପତି ଧିରେନ ମହାରଣା ସମସ୍ତ ଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ବ୍ରାହ୍ମସମାଜ ପରିସରରେ ମହାତ୍ମା ରାଜା ରାମମୋହନ ରାୟଙ୍କ ଜୟନ୍ତୀ ପାଳିତ



**ବାଲେଶ୍ୱର,୨୪।୫:** ଭାରତୀୟ ସମାଜ ସଂସ୍କାର ଆନ୍ଦୋଳନର ଅଗ୍ରଦୂତ, ସତୀଦାହ ପ୍ରଥାର ବିଲୋପକାରୀ ଏବଂ ନାରୀମୁକ୍ତିର ପ୍ରବକ୍ତା ମହାତ୍ମା ରାଜା ରାମମୋହନ ରାୟଙ୍କ ୨୫୪ତମ ଜୟନ୍ତୀ ବାଲେଶ୍ୱର ସହର ସୁଏଲପୁରସ୍ଥିତ ଉତ୍କଳ ନବବିଧାନ ବ୍ରାହ୍ମସମାଜ ପରିସରରେ ଗୁରୁବାର ପୂର୍ବାହ୍ଣରେ ଭକ୍ତିଭାବ ଓ ଗାମ୍ଭୀର୍ଯ୍ୟର ସହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ଆଚାର୍ଯ୍ୟ ବିଶ୍ୱରଞ୍ଜନ ପଣ୍ଡା ବ୍ରହ୍ମଉପାସନା ପରିଚାଳନା କରିଥିଲେ। ପରେ ସତ୍ୟସିଂହ ଦାସ, ସୁଧିରଚନ୍ଦ୍ର ଦାସ, ଗୀତି ପଣ୍ଡାଙ୍କ ସହ ଉପସ୍ଥିତ ସଦସ୍ୟମାନେ ସମବେତ ସଙ୍ଗୀତ ପରିବେଷଣ କରିଥିଲେ। ଏହାପରେ ଅନୁଷ୍ଠିତ ବକ୍ତୃତା ସଭାରେ ଆଚାର୍ଯ୍ୟ ଇଂ. ଅମରେନ୍ଦ୍ର କର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଇତିହାସ ବିଭାଗ ପ୍ରାଧ୍ୟାପକ ଡ. ଅନନ୍ତ କର ଯୋଗ ଦେଇଥିବାବେଳେ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧକ୍ଷ ଡ. ଅରବିନ୍ଦ ଗିରି ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ କବି ଡ. କାଳୀପଦ ପଣ୍ଡା ଉପସ୍ଥିତ ରହିଥିଲେ। ବକ୍ତାମାନେ ରାଜା ରାମମୋହନ ରାୟଙ୍କ ସମାଜ ସଂସ୍କାରମୂଳକ ଅବଦାନ ଉପରେ ଆଲୋକପାତ କରି କହିଥିଲେ ଯେ, ବ୍ରିଟିଶ ଶାସନକାଳରେ ଧର୍ମାନ୍ଧତାର ଆବରଣରେ ଚାଲିଥିବା ଲୋମହର୍ଷଣକାରୀ ସତୀଦାହ ପ୍ରଥା ବିରୋଧରେ ରାଜା ରାମମୋହନ ରାୟ ସାରାଜୀବନ ସଂଗ୍ରାମ କରିଥିଲେ। ତାଙ୍କ ଅକ୍ଳାନ୍ତ ପ୍ରୟାସରେ ସତୀଦାହ ପ୍ରଥାର ବିଲୋପ ସମ୍ଭବ ହୋଇଥିଲା। ସେ ବାଲ୍ୟବିବାହ ଉଚ୍ଛେଦ ଓ ବିଧବା ବିବାହ ପ୍ରଚଳନ ପରି ଅନେକ ସମାଜ ସଂସ୍କାରମୂଳକ କାର୍ଯ୍ୟରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ଅବଦାନ ଭାରତୀୟ ସମାଜ ପାଇଁ ସଦା ଚିରସ୍ମରଣୀୟ ବୋଲି ସେମାନେ ମତପ୍ରକାଶ କରିଥିଲେ ।ଉତ୍କଳ ନବବିଧାନ ବ୍ରାହ୍ମସମାଜ ବାଲେଶ୍ୱର ଶାଖାର ସଭାପତି ଶ୍ରୀମତୀ ସୁଚିତ୍ରା ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ, ସମ୍ପାଦକ ଶ୍ରୀ ଜିତେନ୍ଦ୍ର କର କୃତଜ୍ଞତା ଅର୍ପଣ କରିଥିଲେ ।ଏହି ଅବସରରେ ଜ୍ଞାନରଞ୍ଜନ ପଣ୍ଡା, ଶାକ୍ୟସିଂହ ଦାସ, ସତ୍ୟସିଂହ ଦାସ, ଅଶ୍ୱିନୀ କୁମାର କର, ସୁଶ୍ରୀ ସିପ୍ରା ଦାସ, ଶ୍ରୀମତୀ ସ୍ୱପ୍ନା କର, ଶ୍ରୀମତୀ ଚିତ୍ରା ଦାସ, ଚଞ୍ଚଳ ଚନ୍ଦ୍ର ବର୍ଦ୍ଧନ, ଶ୍ରୀମତୀ ରୂପାବେଣୀ ପଣ୍ଡା, ସୌମ୍ୟରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟପାଳ ପୁରସ୍କାର ପାଇଲେ ଡ଼ଃ ଯଦୁନାଥ କଲେଜର ଛାତ୍ର




**ବାଲେଶ୍ୱର,୨୪।୫:** ସ୍କାଉଟ୍ ଓ ଗାଇଡ୍ ଦ୍ୱାରା ପରିଚାଳିତ ରାଜ୍ୟର ସର୍ବୋଚ୍ଚ ସମ୍ମାନ 'ରାଜ୍ୟପାଳ ପୁରସ୍କାର' ଡ଼ଃ ଯଦୁନାଥ କଲେଜର ଛାତ୍ର ଚନ୍ଦନ କୁମାର ମହାନ୍ତିଙ୍କୁ ପ୍ରଦାନ କରାଯାଇଛି । ରାଜ୍ୟପାଳଙ୍କ ହସ୍ତରୁ ସମ୍ମାନିତ ହୋଇ ସେ କଲେଜ ଓ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ।ଏହାସହ କଲେଜର ୧୨ ଜଣ ରୋଭର ଓ ରେଞ୍ଜରଙ୍କୁ ମଧ ବିଭିନ୍ନ ସେବାମୂଳକ କାର୍ଯ୍ୟ ପାଇଁ ବିବେଚିତ କରାଯାଇ ରାଜ୍ୟପାଳଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଛି ।ଭୁବନେଶ୍ୱରସ୍ଥିତ ଲୋକସେବା ଭବନର ଅଭିଷେକ ହଲ୍‌ରେ ଆୟୋଜିତ ଉତ୍ସବରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ସ୍କାଉଟ୍ ଓ ଗାଇଡ୍‌ର ରାଜ୍ୟ କମିଶନର କାଳୀ ପ୍ରସାଦ ମିଶ୍ର ଉପସ୍ଥିତ ଥିଲେ ।ମହାବିଦ୍ୟାଳୟର ରୋଭର ଓ ରେଞ୍ଜର ବିଭାଗ ମଣିନାଗେଶ୍ୱର ଜାଗର ମେଳାରେ ଜଳସେବା, ଚନ୍ଦନେଶ୍ୱର ଚଡ଼କ ମେଳାରେ ସେବାକାର୍ଯ୍ୟ, ଖରାଦିନରେ ଜଳସେବା ସହିତ ମହାବିଦ୍ୟାଳୟରେ ବିଭିନ୍ନ ଜନଜାଗରଣ କାର୍ଯ୍ୟକ୍ରମ କରି ଉଚ୍ଚ ପ୍ରଶଂସା ଲାଭ କରିଥିଲେ। ଉତ୍ସବରେ ସ୍କାଉଟ୍ ରୋଭର ଲିଡର ସଞ୍ଜୟ କୁମାର ସାହୁ ଓ ରସାୟନ ବିଭାଗର ଅଧାପକ ଭାଗ୍ୟଦୀପ ମିଶ୍ର ମଧ ଉପସ୍ଥିତ ଥିଲେ ।ମହାବିଦ୍ୟାଳୟର ଅଧକ୍ଷା ତୃପ୍ତିଲତା ଦାସଙ୍କ ସହ ସମସ୍ତ ଅଧାପକ, ଅଧାପିକା ଓ ଅବସରପ୍ରାପ୍ତ ଅଧକ୍ଷମାନେ ଚନ୍ଦନ କୁମାର ମହାନ୍ତିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

### ଭାରସାମ୍ୟ ହରାଇ କାର ଦୁର୍ଘଟଣା

# ଅଳ୍ପକେ ବଞ୍ଚିଗଲା ମା' ପୁଅ ସହ ୪ ଜୀବନ



**ବଣାଇ,୨୪।୫:** ସୁନ୍ଦରଗଡ଼ ଜିଲ୍ଲା ବଣେଇ ଉପଖଣ୍ଡର ଟିକାୟତପାଲି ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର କସଡା ଠାରେ ଭାରସାମ୍ୟ ହରାଇ ଘଟିଛି କାର ଦୁର୍ଘଟଣା । OD 33 9528 ନମ୍ବର ଏକ ଏର୍ଟିଗା କାରରେ ଏକ ପରିବାର ପୁରୀ ରୁ ରାଉରକେଲା ଆସୁଥିବା ବେଳେ ଚାଳକ ଭାରସାମ୍ୟ ହରାଇ କସଡା ରାସ୍ତାର ଡିଭାଇଡରକୁ ପ୍ରଥମେ ପିଟିଥିଲା ଫଳରେ ଆଗ ଦୁଇ ଚକ ବ୍ଲାଷ୍ଟ ହୋଇ କାର ଓଲଟି ଯାଇଥିଲା ଯାହା ଦ୍ୱାରା ସମସ୍ତ ଯାତ୍ରୀ ସାମାନ୍ୟ ଆହତ ହୋଇ ଥିଲେ ତୁରନ୍ତ ସ୍ଥାନୀୟ ଲୋକେ ପହଞ୍ଚି ଚାରି ଜଣଙ୍କୁ ଉଦ୍ଧାର କରିବା ପରେ ଟିକାୟତପାଲି ପୋଲିସ କୁ ସୂଚନା ଦେଇ ଥିଲେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସମସ୍ତ ସଦସ୍ୟଙ୍କୁ ଉଦ୍ଧାର କରି ଥିବା ବେଳେ ସମସ୍ତେ ଠିକଥିବା ପରିବାର ତରଫରୁ ସୂଚନା ମିଳିଛି।

### ଆକ୍ସନ୍ ମୋଡ଼ରେ ପାହାଳ ପୋଲିସ

# ଚଢ଼ଉରେ ୨ ବାଲି ବୋଝେଇ ହାଇୱା ଜବତ



**ଫୁଲନଖରା,୨୪।୫:** ଅବୈଧ ବାଲି କାରବାରକୁ ନେଇ ପାହାଳ ଅଞ୍ଚଳରେ ଦିନକୁ ଦିନ ବଢୁଥିବା ଚର୍ଚ୍ଚା ମଧ୍ୟରେ ପାହାଳ ଥାନା ପୋଲିସ ପକ୍ଷରୁ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି । ପାହାଳ ଥାନାଅଧିକାରୀ ଅଶ୍ୱିନୀ କୁମାର ଜେନାଙ୍କ ନେତୃତ୍ୱରେ ହୋଇଥିବା ବିଶେଷ ଚଢ଼ାଉ ସମୟରେ ଅବୈଧ ଭାବେ ବାଲି ପରିବହନ କରୁଥିବା ୨ଟି ବାଲି ବୋଝେଇ ହାଇୱାକୁ ଜବତ କରାଯାଇଛି ।ସୂଚନା ଅନୁଯାୟୀ, ଦୀର୍ଘଦିନ ଧରି ପାହାଳ ଓ ତାହାର ଆଖାପାଖ ଅଞ୍ଚଳରେ ବାଲି ମାଫିଆମାନେ ସକ୍ରିୟ ରହି ଅବୈଧ ଭାବରେ ବାଲି ଚୋରାଚାଲାନ କରୁଥିବା ଅଭିଯୋଗ ଆସୁଥିଲା । ରାତି ଅଧରାତ୍ରରୁ ଆରମ୍ଭ କରି ପ୍ରଭାତ ସମୟ ପର୍ଯ୍ୟନ୍ତ ବିଭିନ୍ନ ରାସ୍ତା ଦ୍ୱାରା ବାଲି ଚାଲାଣ ହେଉଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିଲା । ଏହାକୁ ଗୁରୁତ୍ୱର ସହ ନେଇ ପାହାଳ ପୋଲିସ ପକ୍ଷରୁ ଚଢ଼ାଉକୁ ତୀବ୍ର କରାଯାଇଥିଲା। ଏହି ଚଢ଼ାଉ ବେଳେ ପୋଲିସ ଦଳ ସନ୍ଦେହଜନକ ଭାବେ ଯାଉଥିବା ଦୁଇଟି ହାଇୱାକୁ ଅଟକାଇ ତଦନ୍ତ କରିଥିଲେ । ଯାଞ୍ଚ ସମୟରେ ଗାଡ଼ିଗୁଡ଼ିକରେ ବୈଧ କାଗଜପତ୍ର ନଥିବା ଜଣାପଡ଼ିବା ପରେ ପୋଲିସ ସେଗୁଡ଼ିକୁ ଜବତ କରିଥିଲା । ଏହାସହ ଅବୈଧ ବାଲି କାରବାର ସହ ଜଡିତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପାଇଁ ପୋଲିସ ତଦନ୍ତ ଆରମ୍ଭ କରିଛି । ପାହାଳ ଥାନାଅଧିକାରୀ ଅଶ୍ୱିନୀ କୁମାର ଜେନାଙ୍କ ଏହି କଡା ପଦକ୍ଷେପକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି। ବହୁଦିନ ଧରି ବାଲି ମାଫିଆଙ୍କ ଦୌରାତ୍ୟରେ ସାଧାରଣ ଲୋକ ଅତିଷ୍ଠ ହୋଇପଡ଼ିଥିବା ବେଳେ ପୋଲିସର ଏଭଳି ଆକ୍ସନ୍ ମୋଡ଼କୁ ଲୋକମାନେ ପ୍ରଶଂସା କରୁଛନ୍ତି । ଅଞ୍ଚଳରେ ଆଇନ ଶୃଙ୍ଖଳା ସୁଦୃଢ କରିବା ସହ ଅବୈଧ ବାଲି ଚାଲାଣ ରୋକିବାକୁ ପାହାଳ ପୋଲିସ ଆଗାମୀ ଦିନରେ ମଧ ଏଭଳି ଚଢ଼ାଉ ଜାରି ରଖିବ ବୋଲି ସୂଚନା ମିଳିଛି ।

### ଗଣମାଧ୍ୟମର ପ୍ରଭାବ ଓ ବ୍ୟାସ ଫାଉଣ୍ଡେସନର ସହଯୋଗ

# ଦିବ୍ୟାଙ୍ଗ ବିଧବାଙ୍କୁ ମିଳିଲା ୧୫ ହଜାର ଟଙ୍କାର ବକେୟା ଭତ୍ତା



**ଜଗତସିଂହପୁର,୨୪।୫:** ଗଣମାଧ୍ୟମର ସଚେତନ ଭୂମିକା ଓ ସମାଜସେବୀ ସଂସ୍ଥାର ମାନବିକ ପ୍ରୟାସ ଫଳରେ ଶେଷରେ ନ୍ୟାୟ ପାଇଲେ ଜଣେ ଶତପ୍ରତିଶତ ଦିବ୍ୟାଙ୍ଗ ବିଧବା ମହିଳା। ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନକପୁର ପଞ୍ଚାୟତର ତରାପୁର (ଛାତ୍ରମଠ) ଗ୍ରାମର ଶାନ୍ତିଲତା ଦାଶ ଦୀର୍ଘ ୧୬ ମାସ ଧରି ପାଇବାକୁ ଥିବା ମାସିକ ୧୨୦୦ ଟଙ୍କା ଭତ୍ତାରୁ ବଞ୍ଚିତ ହୋଇ ଆସୁଥିଲେ। ଦୁର୍ଦ୍ଦଶାରେ ଜୀବନ କାଟୁଥିବା ଏହି ଦିବ୍ୟାଙ୍ଗ ବିଧବାଙ୍କ ସମସ୍ୟା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଘଟଣା ନୂଆ ମୋଡ଼ ନେଇଥିଲା। ଖବର ପ୍ରସାରଣ ପରେ ସତ୍ୟସାଇ ବାବାଙ୍କ ପ୍ରଶାନ୍ତି ନିଳୟରେ ରହୁଥିବା ବ୍ୟାସ ଫାଉଣ୍ଡେସନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କ ଦୃଷ୍ଟିକୁ ଏହି ସମ୍ବେଦନଶୀଳ ଘଟଣା ଆସିଥିଲା। ସେ ତୁରନ୍ତ ଜଗତସିଂହପୁର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ମମତା ନାୟକଙ୍କ ସହ ଯୋଗାଯୋଗ କରିବା ସହିତ ତିର୍ତ୍ତୋଲ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାଜଲ କୁମାର ସାହୁଙ୍କୁ ମଧ ଏନେଇ ଅବଗତ କରାଇଥିଲେ। ପରେ ବିଭାଗୀୟ ଅଧିକାରୀମାନେ ଶାନ୍ତିଲତାଙ୍କ ଘରେ ପହଞ୍ଚି ବାସ୍ତବ ସ୍ଥିତିର ଅନୁଧ୍ୟାନ କରିଥିଲେ। ଗତ ଶନିବାର ତାଙ୍କୁ ବକେୟା ଥିବା ପ୍ରାୟ ୧୫ ହଜାର ଟଙ୍କା ଭତ୍ତା ପ୍ରଦାନ କରାଯାଇଥିବା ବେଳେ, ଆଗାମୀ ଦିନରେ ନିୟମିତ ଭାବେ ଭତ୍ତା ମିଳିବା ପାଇଁ ଆଶୁ ପଦକ୍ଷେପ ନିଆଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ମାନବିକ କାର୍ଯ୍ୟରେ ସାରଳା ସଂସ୍କୃତି ଗବେଷକ ରମାକାନ୍ତ ରାଉଳ ଏବଂ କନକପୁର ଜନକଲ୍ୟାଣ ସେବା ସମବାୟ ସମିତିର ସଭାପତି ଅଜୟ କୁମାର ରାଉଳ ପ୍ରମୁଖ ସହଯୋଗ କରିଥିଲେ। ବ୍ୟାସ ଫାଉଣ୍ଡେସନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କ ଏହି ନିସ୍ୱାର୍ଥପର ସେବା ମନୋଭାବ ପାଇଁ ଦିବ୍ୟାଙ୍ଗ ବିଧବା ଶାନ୍ତିଲତା ଦାଶଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ତାଙ୍କୁ ଭୁରିଭୁରି ପ୍ରଶଂସା କରିଛନ୍ତି। ଗଣମାଧ୍ୟମ ଓ ସମାଜସେବୀଙ୍କ ସମନ୍ୱିତ ପ୍ରୟାସ ଯେ କିପରି ଜଣେ ଅସହାୟଙ୍କ ଜୀବନରେ ଆଶାର ଆଲୋକ ଆଣିପାରେ, ଏହି ଘଟଣା ତାହାର ଜ୍ୱଳନ୍ତ ଉଦାହରଣ ପାଲଟିଛି।

# ମହାନାଳ ସଫେଇ ଜୋରଦାର କାର୍ଯ୍ୟର ତଦାରଖ କଲେ ସଦର ବିଧାୟକ ମାନସ କୁମାର ଦତ୍ତ




**ବାଲେଶ୍ୱର,୨୪।୫:** ଆସନ୍ତା ମୌସୁମୀ ବର୍ଷାକୁ ଦୃଷ୍ଟିରେ ରଖି ବାଲେଶ୍ୱର ସହରରେ ଥିବା ମହାନାଳ ଏବଂ ଏଥିସହ ସଂଲଗ୍ନ ବିଭିନ୍ନ ନାଳଗୁଡ଼ିକର ସଫେଇ କାର୍ଯ୍ୟକୁ ବାଲେଶ୍ୱର ପୌରପାଳିକା ପକ୍ଷରୁ ଜୋରଦାର ଭାବେ ଆରମ୍ଭ କରାଯାଇଛି । ବର୍ଷା ଦିନରେ ଜଳ ନିଷ୍କାସନ ବ୍ୟବସ୍ଥା ସୁଚାରୁ ରହିବା ସହ ସହରବାସୀଙ୍କୁ ଜଳବନ୍ଦୀ ସମସ୍ୟାରୁ ରକ୍ଷା କରିବା ଲକ୍ଷ୍ୟରେ ଏହି ସଫେଇ କାର୍ଯ୍ୟ ଚାଲିଥିବା ଜଣାପଡ଼ିଛି । ଏହି ଅବସରରେ ଶନିବାର ସକାଳେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ପୌରପାଳିକାର ବିଭାଗୀୟ ଅଧିକାରୀମାନଙ୍କ ସହ ସହରର ବିଭିନ୍ନ ସ୍ଥାନରେ ଚାଲିଥିବା ମହାନାଳ ସଫେଇ କାର୍ଯ୍ୟର ତଦାରଖ କରିଥିଲେ। ସେ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରିବା ସହ ବର୍ଷା ସମୟରେ ସାଧାରଣ ଲୋକଙ୍କ ଯାତାୟାତ ଓ ଜୀବନଜୀବିକା ଯେପରି ପ୍ରଭାବିତ ନହୁଏ, ସେଥିପାଇଁ ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଶେଷକରି ଜଳ ଜମା ହେଉଥିବା ସ୍ଥାନଗୁଡ଼ିକରେ ସଫେଇ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ସହ ସହରର ନିଷ୍କାସନ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସେ ଗୁରୁତ୍ୱ ଦେଇଥିଲେ । ପୌରପାଳିକା ପକ୍ଷରୁ ମଧ ବର୍ଷା ପୂର୍ବରୁ ସମସ୍ତ ନାଳ ଓ ମହାନାଳ ସଫା କରାଯାଇ ସହରବାସୀଙ୍କୁ ସୁବିଧା ଯୋଗାଇଦିଆଯିବ ବୋଲି କୁହାଯାଇଛି ।

# ଚୋରା ଚାଲାଣ ସନ୍ଦେହରେ ସରକାରୀ କିରୋସିନ ବୋଝେଇ ଟ୍ୟାଙ୍କର ଜବତ

**ବାଲେଶ୍ୱର,୨୪।୫:** ପି.ଡି.ଏସ୍ ସରକାରୀ କିରୋସିନ ଚୋରା ଚାଲାଣ ଅଭିଯୋଗରେ ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ପୋଲିସ ଏକ କିରୋସିନ ବୋଝେଇ ଟ୍ୟାଙ୍କରକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଟ୍ୟାଙ୍କରରେ ପ୍ରାୟ ୧୨ ହଜାର ଲିଟର ସରକାରୀ କିରୋସିନ ଥିବା ଜଣାପଡ଼ିଛି। ଏହି ଘଟଣାରେ ଟ୍ୟାଙ୍କର ଡ୍ରାଇଭରଙ୍କୁ ମଧ ଅଟକ ରଖି ପଚରାଉଚରା କରାଯାଉଛି ।ସୂଚନା ଅନୁଯାୟୀ, ଟ୍ୟାଙ୍କରଟି ଜଟଣୀରୁ କେନ୍ଦୁଝର ଅଭିମୁଖେ ଯାଉଥିବା ବେଳେ ହଠାତ୍ ରୁଟ୍ ପରିବର୍ତ୍ତନ କରି ବାଲେଶ୍ୱର ସହର ମଧକୁ ପ୍ରବେଶ କରିଥିଲା। ଜଟଣୀରୁ କେନ୍ଦୁଝର ଯାଉଥିବା ଗାଡ଼ି ବାଲେଶ୍ୱରକୁ କାହିଁକି ଆସିଲା ଏବଂ କାହା ନିର୍ଦ୍ଦେଶରେ ଏହାର ରୁଟ୍ ବଦଳାଗଲା, ସେନେଇ ପୋଲିସର ସନ୍ଦେହ ସୃଷ୍ଟି ହୋଇଥିଲା। ଗାଡ଼ିର ଗତିବିଧି ସନ୍ଦେହଜନକ ଲାଗିବାରୁ ଶିଳ୍ପାଞ୍ଚଳ ଥାନା ପୋଲିସ ଟ୍ୟାଙ୍କରଟିକୁ ଅଟକ ରଖି ଯାଞ୍ଚ କରିଥିଲା। ପ୍ରାଥମିକ ତଦନ୍ତରୁ ଏହା ପି.ଡି.ଏସ୍ ସରକାରୀ କିରୋସିନ ବୋଲି ଜଣାପଡ଼ିଛି। ଏହି କିରୋସିନକୁ କଳାବଜାରୀ ଉଦ୍ଦେଶ୍ୟରେ ଚୋରା ଚାଲାଣ କରାଯାଉଥିବା ସନ୍ଦେହ ପ୍ରକାଶ ପାଇଛି ।ଏହି ଘଟଣା ପଛରେ କୌଣସି ବଡ଼ ମାଫିଆ ଚକ୍ରର ସଂପୃକ୍ତି ରହିଛି କି ନାହିଁ, ସେନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଛି। କେଉଁ ଉଦ୍ଦେଶ୍ୟରେ ଏବଂ କାହା ସହଯୋଗରେ ସରକାରୀ କିରୋସିନ ବାଲେଶ୍ୱରକୁ ଆଣାଯାଇଥିଲା, ତାହାର ତଦନ୍ତ ଜାରି ରହିଛି।




# ଅମୃତ ସରୋବର ଖନନରେ ଦୁର୍ନୀତି ତଦନ୍ତ କେବେ

- ଗରୀବ କଲ୍ୟାଣ ପାଇଁ ହୋଇଥିବା ଭୀବୀ ଜି ରାମ ଜି ଏବେ ଜନପ୍ରତିନିଧିଙ୍କ କଲ୍ୟାଣରେ
- ମେସିନ କରୁଛି କାମ, ନିଜ ସମ୍ପର୍କୀୟ ଆକାଉଣ୍ଟରେ ଟଙ୍କା
- ଗାଁ ସାଥି ଓ ଜନପ୍ରତିନିଧିଙ୍କ ଚାପରେ ପ୍ରଶାସନ ଚେପା



**ହାଟଡିହ,୨୪।୫:** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ସଡଙ୍ଗ ପଞ୍ଚାୟତ ରେ ଭିବି ଜି ରାମ ଜି ରେ ମହାଦୁର୍ନୀତି ।ଲକ୍ଷ୍ମୀ ସାଗର ପୋଖରୀ ପୁନରୁଦ୍ଧାର ପାଇଁ ସଡଙ୍ଗ ପଞ୍ଚାୟତ ନସିରିପୁର୍ ଗ୍ରାମକୁ ୧୦ ଲକ୍ଷ ବ୍ୟୟ ଅଟକଳ ରେ ଭିବି ଜି ରାମ ଜି ରେ ଆର୍ଥିକ ବର୍ଷ ୨୦୨୫-୨୬ରେ ଏକ କାମ ଆସିଥିଲା ।ଗ୍ରାମବାସୀ ମାନେ ଭାବିଥିଲେ କିଛି ଦିନ ର କାମ ମିଳିବ ବୋଲି। ହେଲେ ଜନପ୍ରତିନିଧି ଓ ଯନ୍ତ୍ରୀଙ୍କ ମଧ୍ୟଚନ୍ଦ୍ରିକରେ ମେସିନ ଦ୍ୱାରା କାମ କରି ନିଜ ସମ୍ପର୍କୀୟ ଙ୍କ ଆକାଉଣ୍ଟ ରେ ଟଙ୍କା ପକାଇ ଲୁଟିନେଲେ ଲକ୍ଷ ଲକ୍ଷ ଟଙ୍କା। ଏପଟେ ହାତଯୋଡି କିଛି ଶ୍ରମିକ ବସିଥିବା ବେଳେ କିଛି ଶ୍ରମିକ ଦାଦନ ମୁହାଁ ହେଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିକଶିତ ଭାରତ ର ସ୍ୱପ୍ନ ଦେଖିଥିବା ବେଳେ ମୁନାଫାଖୋର୍ ଜନପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କ ପାଇଁ ଏହାର ସଫଳ ରୂପାୟନ ହୋଇପାରୁନାହିଁ। ରାମ ଙ୍କ ନାମ କୁ ବ୍ୟବହାର କରି ଲୁଟି ଚାଲିଛନ୍ତି ଜନପ୍ରତିନିଧି ଓ ଯନ୍ତ୍ରୀ। ଜନପ୍ରତିନିଧି ଙ୍କ ଭୟରେ ଗ୍ରାମବାସୀ ଓ ଶ୍ରମିକ ମାନେ ମୁହଁ ଖୋଲି ନଥିବା ବେଳେ ତାଙ୍କ ନାମ କୁ ଗୋପନ ରେ ରଖିବାକୁ କହିଛନ୍ତି। ଜନପ୍ରତିନିଧି ଙ୍କ ଭାଇ ପ୍ରଶାନ୍ତ ଖଣ୍ଡେଇ ଗାଁ ସାଥି ଥିବା ବେଳେ ସେ ଭୁବନେଶ୍ୱର ଏକ ଘରେଇ ବ୍ୟାଙ୍କ ରେ କାମ କରନ୍ତି। ଜନପ୍ରତିନିଧି ନିଜେ ସମ୍ପର୍କୀୟ ଙ୍କ ଦସ୍ତକତ ସି ୧ସି ୨ ଫର୍ମରେ ଜାଲ କରି ଡିମାଣ୍ଡ କରି ନେଇଗଲେ ଲକ୍ଷ ଲକ୍ଷ ଟଙ୍କା। ଜିଲ୍ଲା ପ୍ରଶାସନ ଏହାର ତଦନ୍ତ କରି ମୁନାଫାଖୋର୍ ସରକାରୀ କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବୀ ହେଉଛି ।

# ପାଞ୍ଚଖଣ୍ଡ ଗାଁ କୁ ମିଳିଲା ମୁଖ୍ୟମନ୍ତ୍ରୀ ବସ୍ ସେବା



**ପାତ୍ରପୁର,୨୪।୫:** ଆଜି ଠାରୁ ପାତ୍ରପୁର ବ୍ଲକ ଗୁଣ୍ଡରା ପଞ୍ଚାୟତ ଅନ୍ତର୍ଗତ ସୁନାଖଳା ଗ୍ରାମକୁ ମୁଖ୍ୟମନ୍ତ୍ରୀ ବସ ସେବା ମିଳିଛି । ଯଦ୍ୱାରା ପ୍ରାୟ ୫ଖଣ୍ଡ ଗ୍ରାମବାସୀ ବସ ସେବା ପାଇଁ ଉପକୃତ ହେବେ। ଦୀର୍ଘ ଦିନ ଧରି ସୁନାଖଳା, ମଦନପୁର, ବନମାଳୀପୁର ପ୍ରମୁଖ ଗ୍ରାମବାସୀ ବସ ସେବା ପାଇଁ ପ୍ରଶାସନ ନିକଟରେ ବାରମ୍ବାର ଦାବି କରି ଆସୁଥିଲେ । କୌଣସି ସୁଫଳ ମିଳିନଥିବା ବେଳେ ଗତମାସ ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ବସ ସେବା ପାଇଁ ୩ ଖଣ୍ଡ ଗ୍ରାମବାସୀ ବସ ୨ଘଣ୍ଟା ଧରି ଅଟକ ରଖିଥିଲେ । ପରବର୍ତ୍ତୀ ସମୟରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ସହ ପ୍ରଶାସନ ବସ୍ ସେବା ଯୋଗାଇଦେବା ପାଇଁ ୧ ମାସ ମାଗିଥିଲା । ଗ୍ରାମକୁ ବସ ସେବା ମିଳିବା ପରେ ଗ୍ରାମବାସୀ ଖୁସି ବ୍ୟକ୍ତ କରିବା ସହ ପ୍ରଶାସନକୁ ଧନ୍ୟବାଦ ଦେଇଛନ୍ତି । ପ୍ରତିଶ୍ରୁତି ଦେଇ ପାଳନ କଲା ପ୍ରଶାସନ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ବିଳମ୍ବିତ ରାତିରେ ଭୟଙ୍କର ଅଗ୍ନିକାଣ୍ଡ ମାର୍କେଟ କମ୍ପ୍ଲେକ୍ସରେ ଜଳିଗଲା ୧୫ରୁ ଅଧିକ ଦୋକାନ, ଲକ୍ଷାଧିକ ଟଙ୍କାର କ୍ଷତି



**ବାଲେଶ୍ୱର,୨୪।୫:** ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ସହରର ପଶ୍ଚିମବାଡ଼ ମାର୍କେଟ କମ୍ପ୍ଲେକ୍ସରେ ବିଳମ୍ବିତ ରାତିରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟି ୧୫ରୁ ଅଧିକ ଦୋକାନ ଘର ଜଳି ପାଉଁଶ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତି ପ୍ରାୟ ୩ଟା ୩୦ ମିନିଟ ସମୟରେ ପଶ୍ଚିମବାଡ଼ ମାର୍କେଟ କମ୍ପ୍ଲେକ୍ସର ଏକ ଦୋକାନରେ ହଠାତ୍ ନିଆଁ ଲାଗିଥିଲା। କିଛି ସମୟ ମଧ୍ୟରେ ନିଆଁ ଆଖପାଖ ଦୋକାନଗୁଡ଼ିକୁ ବ୍ୟାପିଯାଇଥିଲା। ନିଆଁର ପ୍ରକୋପ ଏତେ ଭୟାବହ ଥିଲା ଯେ ଦେଖିଦେଖି ୧୫ରୁ ଅଧିକ ଦୋକାନ ଘର ହୁତୁହୁତୁ ଜଳିବାକୁ ଲାଗିଥିଲା ।ଘଟଣା ଦେଖି ସ୍ଥାନୀୟ ଲୋକମାନେ ପ୍ରଥମେ ନିଜସ୍ତରରେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ପରେ ଜଳେଶ୍ୱର ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଖବର ପାଇ ଦୁଇଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ଉଦ୍ୟମ କରି ନିଆଁକୁ ଆୟତ୍ତ କରିଥିଲେ ।ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

# ଏସ.ଏସ.ଡି.ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା



**କୋଟପାଡ଼,୨୪।୫:** କୋରାପୁଟ ଜିଲ୍ଲା ଅନ୍ତର୍ଗତ କୋଟପାଡ଼ ବ୍ଲକର ସରକାରୀ(ଏସ.ଏସ.ଡି.) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷାଫଳ ପ୍ରକାଶନ ପରେ ବିଭିନ୍ନ ମହଲରେ ଆଲୋଚନାର ବିଷୟ ପାଲଟିଛି ।ଏହି ଅନୁଷ୍ଠାନର ଆରମ୍ଭରୁ କାର୍ଯ୍ୟରତ ପ୍ରିନ୍ସପାଲ ତଥା ଅଧ୍ୟାପକ ଅଧ୍ୟାପିକାମାନଙ୍କ ଅନବରତ ପରିଶ୍ରମ ଦ୍ୱାରା ବର୍ଷକୁ ବର୍ଷ ସଫଳତାର ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଆସୁଛି। ଚଳିତ ବର୍ଷ ଅନୁଷ୍ଠିତ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ଏହି ଅନୁଷ୍ଠାନର ମୋଟ ୧୧୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇ ଶତ ପ୍ରତିଶତ ସଫଳତା ହାସଲ କରିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବା ଖବର ହସ୍ତଗତ ହୋଇଛି ।ମୋଟ ୧୧୪ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୮୪ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୨୩ ଜଣ ପରୀକ୍ଷାର୍ଥୀ ଦ୍ୱିତୀୟ ଶ୍ରେଣୀ ଏବଂ ୦୭ ଜଣ ପରୀକ୍ଷାର୍ଥୀ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଅମ୍ରିତା ସାହୁ ମୋଟ ୫୨୪ ନମ୍ବର ରଖି ଅନୁଷ୍ଠାନ ପାଇଁ ପ୍ରଥମ ହୋଇଥିଲାବେଳେ ଧରିତ୍ରୀ ଜାନୀ ୫୧୮ ମାର୍କ ସହ ଦ୍ୱିତୀୟ ଏବଂ ସଞ୍ଜୁକ୍ତା ମାଝୀ ୫୦୫ ମାର୍କ ସହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅଭିଭାବକ ମହଲରୁ ଅନୁଷ୍ଠାନର ପ୍ରିନ୍ସପାଲ ରଞ୍ଜିତା ମହନ୍ତ, ଅଧ୍ୟାପକ ଆଶିଷ କୁମାର ଭୂଏ, ହେମନ୍ତ କୁମାର ବେହେରା, ଜିତେନ୍ଦ୍ର ନାରାୟଣ ନାଗ,ମିଣ୍ଟୁ ମୈତୀ ତଥା ଅଧ୍ୟାପିକା ଡକ୍ଟର ମୁଚିପଲି ସୈଳଜା ଏବଂ ସାଧନା ମହାନ୍ତିଙ୍କୁ ଅନେକ ଅଭିନନ୍ଦନ ଓ ଧନ୍ୟବାଦ ଅର୍ପଣ କରାଯାଇଥିବା ଜଣାପଡ଼ିଛି।

# ଅକାଳରେ ନିଭିଗଲା ଇତିଶ୍ରୀଙ୍କ ଜୀବନଦୀପ



**ଫୁଲନଖରା,୨୪।୫:** କଟକ ସଦର ବୟାଳିଶମୌଜା ବିଜେପି ମଣ୍ଡଳର ପୂର୍ବତନ ଉପସଭାପତି ଓ କଟକ ଜିଲ୍ଲା କୃଷକ ମୋର୍ଚ୍ଚା ସମ୍ପାଦକ ଶୁଭନ୍ୟାସ ମହାନ୍ତିଙ୍କ ଧର୍ମପତ୍ନୀ ଇତିଶ୍ରୀ ମହାନ୍ତି(୪୦)ଙ୍କର ଅକାଳ ବିୟୋଗ ଘଟିଥିବା ଖବର ଅଞ୍ଚଳବାସୀଙ୍କୁ ମର୍ମାହତ କରିଛି । କଟକ ସଦର ଅନ୍ତର୍ଗତ ବହଳପଡ଼ା ସ୍ଥିତ ନିଜ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଗତ କିଛି ଦିନ ଧରି ସେ ଫୁସଫୁସ୍ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ । ବଡ଼ ମେଡ଼ିକାଲରେ ଚିକିତ୍ସା ପରେ ଘରକୁ ଫେରିଥିବାବେଳେ ହଠାତ୍ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅବନତି ଘଟିଥିଲା ଏବଂ ପରେ ତାଙ୍କର ପରଲୋକ ଘଟିଥିଲା । ଇତିଶ୍ରୀ ମହାନ୍ତିଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି । ବହୁ ସଂଖ୍ୟକ ଆତ୍ମୀୟ, ସ୍ଥାନୀୟ ବାସିନ୍ଦା, ରାଜନୈତିକ ଓ ସାମାଜିକ କର୍ମୀମାନେ ତାଙ୍କ ଶେଷ ଦର୍ଶନ କରି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଜଣାଇଥିଲେ । ପରେ ଏକ ବିରାଟ ଶବଯାତ୍ରାରେ ମର ଶରୀରକୁ ଗ୍ରାମ ଶ୍ମଶାନକୁ ନିଆଯାଇ ଶବଦାହ କରାଯାଇଥିଲା । ପୁତ୍ର ତ୍ରିଜଲ ମହାନ୍ତି ମୁଖାଗ୍ନି ଦେଇଥିଲେ ।

# ରାଜନୀତି ବିଜ୍ଞାନରେ ସପ୍ତମ ସ୍ଥାନ ରଖିଲେ ତେଜସ୍ୱିନୀ



**ପାତ୍ରପୁର,୨୪।୫:** ୨୦୨୬ ର ପ୍ରକାଶିତ ପରୀକ୍ଷା ଫଳରେ ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକରେ ଦଶମ ଠାରୁ ସ୍ନାତକ ପର୍ଯ୍ୟନ୍ତ ଅନେକ ମେଧାବୀ ଛାତ୍ର ଛାତ୍ରୀ ଙ୍କ ଅଭୂତ ପୂର୍ବ ସଫଳତା ନଜରକୁ ଆସିଛି। ନିକଟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପରୀକ୍ଷା ଫଳ ପ୍ରକାଶିତ ହୋଇଥିବା ବେଳେ ରାଜନୀତି ବିଜ୍ଞାନରେ ଟପ୍ ଟେନ୍ ମଧ୍ୟରେ ଶ୍ରୀ ଭରତ ପତି ମହାବିଦ୍ୟାଳୟର ଛାତ୍ରୀ ତେଜସ୍ୱିନୀ ପ୍ରଧାନ ସ୍ୱ ମୋଟ ୧୧୬୦ ମାର୍କ ଆଣି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ର ସପ୍ତମ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି। ଯୁକ୍ତ ତିନି କଳାରେ ୨୦୨୬ ବର୍ଷ ଶ୍ରୀ ଭରତ ପତି ମହାବିଦ୍ୟାଳୟର ତେଜସ୍ୱିନୀ ଟପର ହୋଇଥିବା ବେଳେ ଏହି ସଫଳତା ପାଇଁ କଲେଜର ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ବେହେରା, ଏଚ ଓ ଡି ମଧୁସ୍ମିତା ବେହେରା, ଅଧ୍ୟାପିକା ପୂର୍ଣ୍ଣପ୍ରଭା ତ୍ରିପାଠୀ, ଅଧ୍ୟାପକ କିଶୋର ଚନ୍ଦ୍ର ନାୟକ ଓ ନିଜ ପିତା ମାତା ଙ୍କୁ ତେଜସ୍ୱିନୀ ଶ୍ରେୟ ଦେଇଛନ୍ତି। ଜରଡା ଗ୍ରାମର ଏକ ମଧ୍ୟବିତ୍ତ ପରିବାରର ପିତା ସୂର୍ଯ୍ୟ ପ୍ରଧାନ, ମାତା ନମିତା ପ୍ରଧାନ ଙ୍କ ଝିଅ ତେଜସ୍ୱିନୀ ପ୍ରଧାନ ରାଜନୀତି ବିଜ୍ଞାନ ରେ ପି ଜି କରି ଅଧ୍ୟାପିକା ହେବାର ସ୍ୱପ୍ନ ଦେଖିଥିବା ପ୍ରକାଶ କରିଛନ୍ତି।

## ଓଡ଼ିଶୀ ନୃତ୍ୟରେ ଚମକିଲେ ଦୁଇ କୁନି ପ୍ରତିଭା
# 'ଭାରତୀୟ କଳାଶ୍ରୀ ବିନ୍ଦୁ' ଉପାଧିରେ ସମ୍ମାନିତ ଦେବସ୍ମିତା ଓ ଅର୍ଚ୍ଚିତା



**ଫୁଲନଖରା,୨୪।୫:** କଟକ ସଦର ବୟାଳିଶମୌଜା ବରାଳ କଳପଡା ରୋଡ୍ ସ୍ଥିତ ଅଗ୍ରଣୀ ନୃତ୍ୟ ଓ ସଙ୍ଗୀତ ଅନୁଷ୍ଠାନ "ଦେବଶ୍ରୀ ଡାନ୍ସ ଏକାଡେମୀ"ର ଦୁଇ ମେଧାବୀ ଛାତ୍ରୀ ତଥା ପ୍ରତିଭାଶାଳୀ ଶିଶୁ ନୃତ୍ୟଶିଳ୍ପୀ ଦେବସ୍ମିତା ପରିଡା ଓ ଅର୍ଚ୍ଚିତା ଶାସମାଳ ସର୍ବଭାରତୀୟ ସ୍ତରୀୟ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତାରେ ସଫଳତା ଅର୍ଜନ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଶ୍ରୀଜଗନ୍ନାଥ ଧାମ ପୁରୀସ୍ଥିତ ସଂସ୍କୃତି ଭବନରେ ଇଣ୍ଡିଆନ ଟ୍ରଷ୍ଟ ଫର ଆର୍ଟ ଆଣ୍ଡ କଲଚର ଏବଂ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଆନୁକୂଲ୍ୟରେ ଆୟୋଜିତ "ଭାରତୀୟ କଳାଶ୍ରୀ ସମ୍ମାନ-୨୦୨୬" ଅବସରରେ ହୋଇଥିବା ସର୍ବଭାରତୀୟ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତାରେ ଉଭୟେ ଅଂଶଗ୍ରହଣ କରି "ଭାରତୀୟ କଳାଶ୍ରୀ ବିନ୍ଦୁ" ଉପାଧିରେ ସମ୍ମାନିତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଦେବସ୍ମିତା ପରିଡା କଟକ ସଦର କନ୍ଦରପୁର ଉପକଣ୍ଠ ବମ୍ଫୁରୀ ଗ୍ରାମର କୃଷକ ନେତା ଦୁର୍ଗା ପ୍ରସାଦ ପରିଡାଙ୍କ ସୁକନ୍ୟା ହୋଇଥିବା ବେଳେ ଅର୍ଚ୍ଚିତା ଶାସମାଳ ବୟାଳିଶମୌଜା ଅଞ୍ଚଳର ଚାନ୍ଦୁଲି ଗ୍ରାମ ନିବାସୀ ବିଶିଷ୍ଟ ସମାଜସେବୀ ନାରାୟଣ ଶାସମାଳଙ୍କ ସୁକନ୍ୟା ଅଟନ୍ତି। ଅତି କମ୍ ବୟସରୁ ଉଭୟ ଶିଶୁ ନୃତ୍ୟଶିଳ୍ପୀ ନୃତ୍ୟ କଳା ପ୍ରତି ନିଷ୍ଠା, ଅଭ୍ୟାସ ଓ ପ୍ରତିଭାର ପରିଚୟ ଦେଇ ଆସୁଛନ୍ତି। ଏହି ସଫଳତା ପାଇଁ ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ସଂଗଠନ "ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ପରିଷଦ", ଫୁଲନଖରା ପକ୍ଷରୁ ଉଭୟ ଶିଶୁ ପ୍ରତିଭାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଥିବା ସହ ସେମାନଙ୍କ ଉତ୍ତରୋତ୍ତର ସଫଳତା କାମନା ଜଣାଇଛନ୍ତ।

# କାଳ ବୈଶାଖୀ ତାଣ୍ଡବରେ କୋଟପାଡ଼ ଅଞ୍ଚଳର ବିପୁଳ କ୍ଷତିଗ୍ରସ୍ତ

**କୋଟପାଡ଼,୨୪।୫:** ଶୁକ୍ରବାର ରାତ୍ର କୋଟପାଡ଼ ବ୍ଲକ୍ ର ବିଭିନ୍ନ ଅଞ୍ଚଳରେ ହୋଇଥିବା କାଳବୈଶାଖୀ ତାହାର ଭୟାବହ ରୂପ ଦେଖାଇଥିଲା, କାଳବୈଶାଖୀ ପ୍ରଭାବରେ କୋଟପାଡ଼ ବ୍ଲକର ତେଲିଗୁଡା,ଏସ୍. ଧାରଗୁଡି, ବରଣ୍ଡି, ସିର୍ସି ଓ ଡଙ୍ଗରି ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଦେଖିବାକୁ ମିଳିଛି,ଅତ୍ୟଧିକ ବର୍ଷା ଓ ପ୍ରବଳ ପବନ ଯୋଗୁଁ ଅନେକ ଘର ଛପର ଉପରେ ବଡ଼ ବଡ଼ ଗଛ ପଡ଼ି ବିଭିନ୍ନ ଆସାବପତ୍ର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି,କୋଟପାଡ ଅଗ୍ନିଶମ ବିଭାଗ ପହଞ୍ଚି ବିଳମ୍ବ ରାତି ପର୍ଯ୍ୟନ୍ତ ଗଛ ଗୁଡ଼ିକ କାଟି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ,ଘଟଣା ଜାଣିବା ପରେ ଶନିବାର ଦିନ ସ୍ଥାନୀୟ ବିଧାୟକ ରୁପୁ ଭତ୍ରା, କୋଟପାଡ଼ ଅତିରିକ୍ତ ତହସିଲଦାର ପର୍ଶୁରାମ ଭତରା, ବିଧାୟକ ପ୍ରତିନିଧି ସୁରେନ ମହାନ୍ତି, କ୍ଷତିଗ୍ରସ୍ତ ଅଞ୍ଚଳଗୁଡ଼ିକୁ ପରିଦର୍ଶନ କରିଥିଲେ, ଏବଂ ତତ୍ ସହିତ କ୍ଷୟକ୍ଷତି ଆକଳନ ନିମନ୍ତେ ରାଜସ୍ୱ ବିଭାଗ ର ଅତିରିକ୍ତ ତହସିଲଦାର ପର୍ଶୁରାମ ଭତ୍ରା ଙ୍କ ସହ ରାଜସ୍ୱ ନିରୀକ୍ଷକ,ସହ ବିଭାଗ ର ଅନ୍ୟାନ୍ୟ କର୍ମୀ ମାନେ ଉପସ୍ଥିତ ଥିଲେ,ସେଠାରେ ବିଧାୟକ ପ୍ରଭାବିତ ପରିବାର ଲୋକମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବୁଝିଥିଲେ। ପ୍ରଭାବିତ ପରିବାର ମାନେ କେବେ ମଧ ନିଜକୁ ଏକା ଭାବିବେ ନାହିଁ ଲୋକଙ୍କ ସରକାର ସଦା ସେମାନଙ୍କ ସହ ଅଛନ୍ତି ଆଶ୍ୱାସନା ଦେଇଥିଲେ। ପ୍ରତ୍ୟେକ କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ଜରି ପ୍ରଦାନ କରାଗଲା। ଏବଂ ସମସ୍ତ କ୍ଷତିଗ୍ରସ୍ତ ଘରର ସହାୟତା ଏବଂ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇ ଦେବା ପାଇଁ ପ୍ରଶାସନ ସହ ଆଲୋଚନା କରିଥିଲେ।

# ଜ୍ଞାନର ଆଲୋକ ବିତରଣରେ 'ନାଇସ ଇନଷ୍ଟିଚ୍ୟୁଟ'

## ଡିଜିଟାଲ ଶିକ୍ଷା ଓ ଦକ୍ଷତା ବିକାଶରେ ଗଢୁଛି ନୂଆ ଭବିଷ୍ୟତ



**ଫୁଲନଖରା,୨୪।୫:** ଅନୁଗୁଳ ଜିଲ୍ଲାର ବଇଣ୍ଡା ଅଞ୍ଚଳରେ ଶିକ୍ଷା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା "ନାଇସ ଇନଷ୍ଟିଚ୍ୟୁଟ" ଆଜି ସମାଜରେ ଜ୍ଞାନର ଆଲୋକ ବିତରଣ କରୁଥିବା ଏକ ଆଧୁନିକ ଶିକ୍ଷା ମନ୍ଦିର ଭାବେ ପରିଚିତ ହୋଇପାରିଛି । କୃତ୍ରିମ ବୁଦ୍ଧିମତା, ଡିଜିଟାଲ ଟେକ୍ନୋଲୋଜି ଏବଂ ବୈଷୟିକ ଉନ୍ନତିର ଏହି ଯୁଗରେ ଯୁବପିଢ଼ିଙ୍କୁ ସମୟୋପଯୋଗୀ ଶିକ୍ଷା ସହିତ ବୃତ୍ତିଗତ ଦକ୍ଷତାରେ ସଶକ୍ତ କରିବାରେ ଏହି ଅନୁଷ୍ଠାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଆସୁଛି । ୨୦୧୬ ମସିହାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନର ପ୍ରତିଷ୍ଠାତା ଯୁବ ସମାଜସେବୀ, ବିଶିଷ୍ଟ ଶିକ୍ଷାବିତ୍ ଓ ଗବେଷକ ବୁବୁନ୍ ପ୍ରଧାନଙ୍କ ଦୂରଦୃଷ୍ଟି ଓ ନିଷ୍ଠାର ଫଳସ୍ୱରୂପ "ନାଇସ ଇନଷ୍ଟିଚ୍ୟୁଟ" ଅତ୍ୟନ୍ତ କମ୍ ସମୟରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମନରେ ଏକ ବିଶ୍ୱସନୀୟ ନାମ ହୋଇପାରିଛି । ଶିକ୍ଷାକୁ କେବଳ ପାଠ୍ୟପୁସ୍ତକର ସୀମାରେ ନ ରଖି, ଜୀବନ ଜିଇଁବାର କଳା, ନୈତିକ ମୂଲ୍ୟବୋଧ, ବ୍ୟକ୍ତିତ୍ୱ ବିକାଶ ଓ କର୍ମମୁଖୀ ପ୍ରଶିକ୍ଷଣ ମାଧ୍ୟମରେ ଯୁବପିଢ଼ିଙ୍କୁ ଆତ୍ମନିର୍ଭରଶୀଳ କରିବା ଏହି ଅନୁଷ୍ଠାନର ପ୍ରମୁଖ ଲକ୍ଷ୍ୟ ରହିଛି। "ଡିଜିଟାଲ ସାକ୍ଷରତା ହିଁ ଆଗାମୀ ଭବିଷ୍ୟତର ମୂଳ ଚାବି" ଏହି ମନ୍ତ୍ରକୁ ଆଧାର କରି ନାଇସ ଇନଷ୍ଟିଚ୍ୟୁଟ ଆଜି ପର୍ଯ୍ୟନ୍ତ ୧୫୦୦ ରୁ ଅଧିକ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ସାକାର କରିପାରିଛି । ଆଇଟି, କମ୍ପ୍ୟୁଟର ଏଜୁକେସନ୍, ଡିଜିଟାଲ ସ୍କିଲ୍ ଡେଭେଲପମେଣ୍ଟ ଓ ନୂତନ ପ୍ରଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ମାଧ୍ୟମରେ ଗ୍ରାମାଞ୍ଚଳର ଯୁବପିଢ଼ିଙ୍କୁ ମଧ ଆଧୁନିକ ଶିକ୍ଷା ସହ ଯୋଡ଼ିବାରେ ଏହି ସଂସ୍ଥା ଅଗ୍ରଣୀ ଭୂମିକା ଗ୍ରହଣ କରିଛି ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati